[2010] 9 ଏସ.ସି.ଆର. 457

ଭବାନୀ ପ୍ରସାଦ ଜେନା

ବନାମ

କନଭେନର ସଚିବ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଅନ୍ୟଜଣେ

(ଦେୱାନୀ ଆବେଦନ ସଂଖ୍ୟା 6222-6223 / 2010)

ଅଗଷ୍ଟ 3, 2010

**[ଆର୍.ଏମ୍. ଲୋଧା ଏବଂ ଆଫତାବ ଆଲାମ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ଓଡ଼ିଶା (ରାଜ୍ୟ) ମହିଳା ଆୟୋଗ ଅଧିନିୟମ, 1993 - ଧାରା 10- ଅଧିନିୟମର ଧାରା 3 ଅଧୀନରେ ଗଠିତ ରାଜ୍ୟ ମହିଳା ଆୟୋଗଙ୍କ କ୍ଷମତାର ପରିସୀମା- ଆଲୋଚିତ- କୁହାଗଲା: ଏହି ଅଧିନିୟମ ରାଜ୍ୟ ଆୟୋଗଙ୍କୁ ନ୍ୟାୟାଳୟ କିମ୍ବା ନ୍ୟାୟ ନିର୍ଣ୍ଣାୟକ ନ୍ୟାୟାଧିକରଣର ଭୂମିକା ଗ୍ରହଣ କରିବା ଏବଂ ପକ୍ଷମାନଙ୍କ ଅଧିକାର ନିର୍ଦ୍ଧାରଣ କରିବାର କ୍ଷମତା ପ୍ରଦାନ କରିନାହିଁ- ରାଜ୍ୟ ଆୟୋଗ ନ୍ୟାୟିକ ଚରିତ୍ର କିମ୍ବା ନ୍ୟାୟ ପ୍ରଦାନ କାର୍ଯ୍ୟ ନିର୍ବାହ କରୁଥିବା ଏକ ନ୍ୟାୟାଧିକରଣ ନୁହେଁ- ବାସ୍ତବରେ, ଜଣେ ମହିଳାଙ୍କ ଦ୍ୱାରା, ତାଙ୍କ ସ୍ୱାମୀ ଏବଂ ଶାଶୁ ଶ୍ୱଶୁରଙ୍କ ହାତରେ ନିର୍ଯାତନା ପାଇଥିବାର ଆରୋପ ଲଗାଇ ଦାଖଲ କରାଯାଇଥିବା ଅଭିଯୋଗ ଅନୁଯାୟୀ ଡିଏନଏ ପରୀକ୍ଷାର ଆଦେଶ ଦେବା ପାଇଁ ରାଜ୍ୟ ଆୟୋଗଙ୍କର କୌଣସି ପ୍ରାଧିକାର, ଦକ୍ଷତା କିମ୍ବା କ୍ଷମତା ନଥିଲା ।*

*ଭାରତର ସମ୍ବିଧାନ, 1950- ଅନୁଚ୍ଛେଦ 226- ଡିଏନଏ ପରୀକ୍ଷଣ ନିର୍ଦ୍ଦେଶ ଦେବାରେ ନ୍ୟାୟାଳୟର କ୍ଷମତା- ପରିସର- ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ପାରିତ ଆଦେଶକୁ ଆହ୍ୱାନ କରି ରିଟ୍ ଆବେଦନ - ଉଚ୍ଚ ନ୍ୟାୟାଳୟ ଏକ ଶିଶୁର ଏବଂ ଆବେଦନକାରୀ, ଯିଏ ଶିଶୁର ମା'ଙ୍କ କହିବାନୁଯାୟୀ, ତା'ର ପିତାଙ୍କ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ – ଔଚିତ୍ୟ- କୁହାଗଲା: ଯଥାଯଥ ନୁହେଁ- ଏକ ଶିଶୁର ପିତୃତ୍ୱ ସମ୍ବନ୍ଧୀୟ ମାମଲାରେ ଡିଏନଏ ପରୀକ୍ଷା ନ୍ୟାୟାଳୟ ଦ୍ୱାରା ଏକ ବିଷୟ ଭାବରେ କିମ୍ବା ନିୟମିତ ଅଭ୍ୟାସ ରୂପେ ନିର୍ଦ୍ଦେଶିତ ହେବା ଉଚିତ୍ ନୁହେଁ, ଯେତେବେଳେ ଏ'ପରି ଅନୁରୋଧ କରାଯାଏ- ନ୍ୟାୟାଳୟ ସାକ୍ଷ୍ୟ ଆଇନର ଧାରା 112 ଅଧୀନରେ ପ୍ରାକ୍ ଧାରଣା ସମେତ ବିଭିନ୍ନ ଦିଗ ଉପରେ ବିଚାର କରିବାକୁ ପଡିବ; ଏ'ପରି ଆଦେଶର ଭଲ ଓ ମନ୍ଦ ଏବଂ 'ପ୍ରମୁଖ ପ୍ରୟୋଜନ' ର ପରୀକ୍ଷା କି ଏ'ପରି ପରୀକ୍ଷଣର ବ୍ୟବହାର ବିନା ନ୍ୟାୟାଳୟ ପାଇଁ ସତ୍ୟରେ ପହଞ୍ଚିବା ସମ୍ଭବ ନୁହେଁ- ଡିଏନଏ ପରୀକ୍ଷା ପାଇଁ କୌଣସି ଆଦେଶ ନ୍ୟାୟାଳୟ ଦ୍ୱାରା କେବଳ ସେତେବେଳେ ଦିଆଯାଇପାରିବ ଯଦି ଏପରି ଏକ ଦିଗ ପାଇଁ ଏକ ବଳିଷ୍ଠ ପ୍ରଥମ ଦୃଷ୍ଟିଗତ ମାମଲା ପ୍ରସ୍ତୁତ ଥାଏ – ତଥ୍ୟାତଥ୍ୟ ଦୃଷ୍ଟିରୁ, ଏକ ଦକ୍ଷ ଅଧିକାରିତାବିଶିଷ୍ଟ ନ୍ୟାୟାଳୟରେ ପୂର୍ବରୁ ହିଁ ପକ୍ଷମାନଙ୍କ ମଧ୍ୟରେ ବୈବାହିକ ବିବାଦ ବିଚାରାଧୀନ ଥିବାର ଅତି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଣଦେଖା କରି, ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶ ପାରିତ କରି ନିଜର କ୍ଷେତ୍ରାଧିକାରିତାକୁ ଅତିକ୍ରମ କରିଥିଲେ- ସାକ୍ଷ୍ୟ ଅଧିନିୟମ, 1872- ଧାରା 112.*

**ଆବେଦନକାରୀ ସ୍ୱତନ୍ତ୍ର ବିବାହ ଅଧିନିୟମ, 1954 ର ଧାରା 25(iii) ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ ଯେ ତାଙ୍କ ଏବଂ ଦ୍ୱିତୀୟ ପ୍ରତିବାଦୀଙ୍କ ମଧ୍ୟରେ ବିବାହ, ଅସିଦ୍ଧ ଥିଲା ଏବଂ ସମ୍ପୂର୍ଣ୍ଣ**

ହୋଇନଥିଲା । ବୈବାହିକ କାର୍ଯ୍ୟାନୁଷ୍ଠାନ ଏପର୍ଯ୍ୟନ୍ତ ବିଚାରାଧୀନ ଥିବାବେଳେ, ଦ୍ୱିତୀୟ ପ୍ରତିବାଦୀ ଓଡ଼ିଶା (ରାଜ୍ୟ) ମହିଳା ଆୟୋଗଙ୍କ ନିକଟରେ ଏକ ଅଭିଯୋଗ ଦାଖଲ ପୂର୍ବକ ଆରୋପ ଲଗାଇଥିଲେ ଯେ ଆବେଦନକାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ନିର୍ଯ୍ୟାତନା ଏବଂ ଅନ୍ୟାନ୍ୟ ସମସ୍ୟା ହେତୁ ସେମାନେ ଅଲଗା ହୋଇଯାଇଛନ୍ତି ଏବଂ ତାଙ୍କର ଆୟର କୌଣସି ଉତ୍ସ ନାହିଁ ଏବଂ ସେ ଗର୍ଭବତୀ ଥିଲେ ।

ରାଜ୍ୟ ଆୟୋଗ ଆବେଦନକାରୀଙ୍କୁ ଦ୍ୱିତୀୟ ପ୍ରତିବାଦୀଙ୍କ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ, ଏବଂ ତାଙ୍କର ଡିଏନଏ ପରୀକ୍ଷା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ରିଟ୍ ଆବେଦନ ଦାଖଲ କରି ଯୁକ୍ତି ଦର୍ଶାଇଥିଲେ ଯେ ସେ ଦ୍ୱିତୀୟ ପ୍ରତିବାଦୀଙ୍କ ଗର୍ଭର ପିଲାଟିର ପିତା ନଥିଲେ । ଉଚ୍ଚ ନ୍ୟାୟାଳୟ ରାଜ୍ୟ ଆୟୋଗଙ୍କ ଦ୍ୱାରା ପାରିତ ଆଦେଶକୁ କାଏମ ରଖିଥିଲେ ଏବଂ ଶିଶୁ ତଥା ଆବେଦନକାରୀଙ୍କ ଡିଏନଏ ଅନୁଷ୍ଠିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ବର୍ତ୍ତମାନର ଆବେଦନରେ ବିଚାର ପାଇଁ ଦୁଇଟି ପ୍ରଶ୍ନ ଉଠିଥିଲା, ପ୍ରଥମରେ ଓଡ଼ିଶା (ରାଜ୍ୟ) ମହିଳା ଆୟୋଗ ଅଧିନିୟମ, 1993 ର ଧାରା 3 ଅଧୀନରେ ଗଠିତ ରାଜ୍ୟ ମହିଳା ଆୟୋଗର କ୍ଷମତାର ପରିସୀମା ଏବଂ ତା'ପରେ, ଶିଶୁର ଏବଂ ଆବେଦନକାରୀଙ୍କ, ଯିଏ କି ଶିଶୁର ମା'ଙ୍କ ଅନୁଯାୟୀ ସ୍ୱତଃ ତା'ର ପିତା ଥିଲେ, ଡିଅକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍ ପରୀକ୍ଷା (ଡିଏନଏ) ପାଇଁ ନିର୍ଦ୍ଦେଶ ଜାରି କରିବାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ଥିଲେ କି ନାହିଁ ।

ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ

କହିଲେ: 1.1 ଓଡ଼ିଶା (ରାଜ୍ୟ) ମହିଳା ଆୟୋଗ ଅଧିନିୟମ, 1993 ଓଡ଼ିଶା ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ଏକ ରାଜ୍ୟ ମହିଳା ଆୟୋଗ ଗଠନ କରିବା ଏବଂ ଏହା ସହିତ ସମ୍ପୃକ୍ତ କିମ୍ବା ଆନୁସଙ୍ଗିକ ବିଷୟଗୁଡ଼ିକର ବ୍ୟବସ୍ଥା କରିବା ପାଇଁ ପ୍ରଣୟନ କରାଯାଇଥିଲା । ରାଜ୍ୟର ମହିଳାମାନଙ୍କ ସାମଗ୍ରିକ ବିକାଶରେ ସହାୟକ ହେଉଥିବା ଆର୍ଥିକ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରସଙ୍ଗରେ ଅଧ୍ୟୟନ କରିବା; ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ସମ୍ବନ୍ଧୀୟ ପରିସଂଖ୍ୟାନ ସଂଗ୍ରହ କରିବା; ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ସର୍ବନିମ୍ନ ମଜୁରୀ, ମୌଳିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ତଦନ୍ତ କରିବା; ମାତୃତ୍ୱ ଅଧିକାର ଇତ୍ୟାଦି ଏବଂ ତଥ୍ୟ ନିଶ୍ଚିତ ହେବା ପରେ ପ୍ରତିକାର ପଦକ୍ଷେପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇବା; ଅସୁବିଧାରେ ଥିବା ମହିଳାମାନଙ୍କୁ ସେମାନଙ୍କର ଆଇନଗତ

ଅଧିକାର କାର୍ଯ୍ୟକାରୀ କରିବାରେ ଜଣେ ବନ୍ଧୁ, ଦାର୍ଶନିକ ଏବଂ ମାର୍ଗଦର୍ଶକ ଭାବରେ ସାହାଯ୍ୟ କରିବା ପ୍ରଭୃତି ପାଇଁ ରାଜ୍ୟ ଆୟୋଗଙ୍କୁ ବ୍ୟାପକ ଭାବେ ଦାୟିତ୍ୱ ଦିଆଯାଇଛି । ତେବେ ପକ୍ଷମାନଙ୍କ ନ୍ୟାୟ ବିଚାର କିମ୍ବା ଅଧିକାର ନିର୍ଦ୍ଧାରଣ କରିବା ପାଇଁ ରାଜ୍ୟ ଆୟୋଗଙ୍କୁ କୌଣସି କ୍ଷମତା କିମ୍ବା ପ୍ରାଧିକରଣ ଦିଆଯାଇନାହିଁ । [ପାରା 8]

1.2. ଅଧିନିୟମର ଧାରା 10 (1)(d) ରେ ସନ୍ନିବେଶିତ ବ୍ୟବସ୍ଥା ସୁସ୍ପଷ୍ଟ ଯେ ରାଜ୍ୟ ଆୟୋଗ ଉପରେ ସେଥିରେ ବିଦିତ ନିର୍ଦ୍ଦିଷ୍ଟ ବିଷୟ ସମ୍ବନ୍ଧରେ ଅଭିଯୋଗମାନ ଗ୍ରହଣ କରିବା ଏବଂ ଏପରି ଅଭିଯୋଗ ପାଇବା ପରେ ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ଦାୟିତ୍ୱ ନ୍ୟସ୍ତ ଅଟେ । 1993 ଅଧିନିୟମ ରାଜ୍ୟ ଆୟୋଗଙ୍କୁ ନ୍ୟାୟାଳୟ କିମ୍ବା ନ୍ୟାୟ ନିର୍ଣ୍ଣାୟକ ନ୍ୟାୟାଧିକରଣର ଭୂମିକା ଗ୍ରହଣ କରିବାର ତଥା ପକ୍ଷମାନଙ୍କ ଅଧିକାର ନିର୍ଦ୍ଧାରଣ କରିବାର କ୍ଷମତା ପ୍ରଦାନ କରିନାହିଁ । ରାଜ୍ୟ ଆୟୋଗ ନ୍ୟାୟିକ ଚରିତ୍ରର କିମ୍ବା ଏକ ନ୍ୟାୟାଳୟର କାର୍ଯ୍ୟ ସମ୍ପାଦନ କରୁଥିବା ଏକ ନ୍ୟାୟାଧିକରଣ ନୁହେଁ । ଖଣ୍ଡ (a) ରୁ (f) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ବିଷୟ ପାଇଁ ମକଦ୍ଦମାର ବିଚାର କରୁଥିବା ରାଜ୍ୟ ଆୟୋଗଙ୍କ ପାଖରେ ଦେୱାନୀ ନ୍ୟାୟାଳୟ କ୍ଷମତା ରହିଛି ଏବଂ ଅନ୍ୟ ଅଭିପ୍ରାୟରେ ନୁହେଁ । ଯେଉଁଭଳି ଆଦେଶ ଦିଆଯାଇଛି, ସେ'ପରି ଆଦେଶ ଦେବା ପାଇଁ ରାଜ୍ୟ ଆୟୋଗଙ୍କୁ ନ୍ୟାୟିକ କ୍ଷେତ୍ରାଧିକାର ଦେବା ପର୍ଯ୍ୟନ୍ତ ବିଧାନମଣ୍ଡଳ ଯାଇନାହିଁ । ସାଂପ୍ରତିକ ମାମଲାରେ, ରାଜ୍ୟ ଆୟୋଗଙ୍କ ଦ୍ୱାରା ପାରିତ ଆଦେଶ ରାଜ୍ୟ ଆୟୋଗଙ୍କ କ୍ଷେତ୍ରାଧିକାର, କ୍ଷମତା କିମ୍ବା ଦକ୍ଷତା ବାହାରେ ଥିଲା । ଏହା ଏପରି ଏକ ଆଦେଶ ଥିଲା ଯାହା ଦେବାକୁ ରାଜ୍ୟ ଆୟୋଗଙ୍କର କ୍ଷମତା ନଥିଲା ଏବଂ ତେଣୁ ଏହା ଏକ ଅସିଦ୍ଧ ଆଦେଶ ଥିଲା । ଉଚ୍ଚ ନ୍ୟାୟାଳୟ ସେହି ଆଦେଶକୁ ସଂଶୋଧନ କରିବା ପରିବର୍ତ୍ତେ ଏକ ପାଦ ଆଗକୁ ଯାଇ ନିର୍ଦ୍ଦେଶ ଦେଇଛନ୍ତି ଯେ ଶିଶୁଟିର ତଥା ଆବେଦନକାରୀଙ୍କ ଡିଏନଏ ଅନୁଷ୍ଠିତ ହେବ । [ପାରା 8]

2.1. ଏକ ମାମଲାରେ ଯେଉଁଠାରେ ଏକ ଶିଶୁର ପିତୃତ୍ୱ ପ୍ରସଙ୍ଗ ନ୍ୟାୟାଳୟରେ ରହିଛି, ଡିଏନଏ ର ବ୍ୟବହାର ଏକ ଅତ୍ୟନ୍ତ ସୂକ୍ଷ୍ମ ତଥା ସମ୍ବେଦନଶୀଳ ଦିଗ । ଗୋଟିଏ ମତ ଏହା ଅଟେ ଯେ ଆଧୁନିକ ବିଜ୍ଞାନ ଏକ ଶିଶୁର ପିତୃତ୍ୱ ନିର୍ଦ୍ଧାରଣ କରିବାର ମାଧ୍ୟମ ଯେତେବେଳେ ପ୍ରଦାନ କରୁଛି, ସେତେବେଳେ ଆବଶ୍ୟକ ଅବସରରେ ସେହି ମାଧ୍ୟମଗୁଡିକ ବ୍ୟବହାର କରିବାକୁ କୌଣସି ଦ୍ୱିଧା ରହିବା ଉଚିତ୍ ନୁହେଁ । ଅନ୍ୟ ମତଟି ଏହା ଯେ ନ୍ୟାୟାଳୟ ଏପରି ବୈଜ୍ଞାନିକ ଅଗ୍ରଗତି ଏବଂ ଉପକରଣର ବ୍ୟବହାରରେ ଅନିଚ୍ଛୁକ ହେବା ଆବଶ୍ୟକ ଯାହା ଜଣେ ବ୍ୟକ୍ତିଙ୍କ ଗୋପନୀୟତାର ଅଧିକାର ଉପରେ ଆକ୍ରମଣ କରିଥାଏ ଏବଂ କେବଳ ପକ୍ଷଗୁଡ଼ିକର ଅଧିକାର ପ୍ରତି ପ୍ରତିକୂଳ

ନୁହେଁ ବରଂ ଶିଶୁ ଉପରେ ହାନିକାରୀ ପ୍ରଭାବ ପକାଇପାରେ । ବେଳେବେଳେ ଏପରି ବୈଜ୍ଞାନିକ ପରୀକ୍ଷଣର ଫଳାଫଳ ଏକ ନିର୍ଦ୍ଦୋଷ ଶିଶୁକୁ ଜାରଜ ସାବ୍ୟସ୍ତ କରିପାରେ ଯଦିଓ ଗର୍ଭଧାରଣ ସମୟରେ ତା'ର ମା ତଥା ତାଙ୍କ ସ୍ୱାମୀ ଏକାଠି ରହୁଥିଲେ । ଯେତେବେଳେ ଜଣେ ବ୍ୟକ୍ତିଙ୍କ ବାଧ୍ୟତାମୂଳକ ଭାବରେ ଡାକ୍ତରୀ ପରୀକ୍ଷା ନ କରିବାର ଗୋପନୀୟତା ଅଧିକାର ଏବଂ ସତ୍ୟରେ ପହଞ୍ଚିବା ପାଇଁ ନ୍ୟାୟାଳୟର ଦାୟିତ୍ୱ ମଧ୍ୟରେ ସ୍ପଷ୍ଟ ଦ୍ୱନ୍ଦ୍ୱ ଥାଏ, ପକ୍ଷମାନଙ୍କ ହିତର ସନ୍ତୁଳନ ବଜାୟ ରଖି ଏବଂ ଏହି ପ୍ରସଙ୍ଗରେ ଏକ ବିବେକସଙ୍ଗତ ନିର୍ଣ୍ଣୟ ପାଇଁ  ଡିଏନଏ ର ପ୍ରମୁଖ ପ୍ରୟୋଜନ ଅଛି କି ନାହିଁ ସେ ବିଷୟରେ ବିଚାର କରିବା ପରେ ହିଁ ନ୍ୟାୟାଳୟ ଏହାର ବିବେକାଧିକାରିତାକୁ ପ୍ରୟୋଗ କରିବା ଉଚିତ । ଏକ ଶିଶୁର ପିତୃତ୍ୱ ସମ୍ବନ୍ଧୀୟ ମାମଲାରେ ନ୍ୟାୟାଳୟ ଦ୍ୱାରା ଏକ ବିଷୟ କିମ୍ବା ନିୟମିତ ଭାବରେ ଡିଏନଏ ର ନିର୍ଦ୍ଦେଶ ଦିଆଯିବା ଉଚିତ୍ ନୁହେଁ, ଯେତେବେଳେ ଏପରି ଅନୁରୋଧ କରାଯାଏ । ସାକ୍ଷ୍ୟ ପ୍ରମାଣ ଆଇନର ଧାରା 112 ଅଧୀନରେ ପ୍ରାକ୍ ଧାରଣା ସମେତ ନ୍ୟାୟାଳୟକୁ ବିଭିନ୍ନ ଦିଗ ଉପରେ ବିଚାର କରିବାକୁ ପଡିବ; ଏହିପରି ଆଦେଶର ଭଲ ଓ ମନ୍ଦ ଏବଂ 'ପ୍ରମୁଖ ପ୍ରୟୋଜନ' ର ପରୀକ୍ଷା କି ଏପରି ପରୀକ୍ଷଣର ବ୍ୟବହାର ବିନା ନ୍ୟାୟାଳୟ ପକ୍ଷରେ ସତ୍ୟକୁ ପହଞ୍ଚିବା ସମ୍ଭବ ନୁହେଁ । [ପାରା 13]

2.2. ଡିଏନଏ ପାଇଁ କୌଣସି ଆଦେଶ କେବଳ ନ୍ୟାୟାଳୟ ଦ୍ୱାରା ଦିଆଯାଇପାରିବ ଯଦି ଏପରି ଏକ ଦିଗ ପାଇଁ ଏକ ବଳିଷ୍ଠ ପ୍ରଥମ ଦୃଷ୍ଟିଗତ ମାମଲା ପ୍ରସ୍ତୁତ କରାଯାଏ । ବର୍ତ୍ତମାନର ମାମଲା ସମ୍ବନ୍ଧରେ, ରାଜ୍ୟ ଆୟୋଗଙ୍କ ପାଖରେ ଡିଏନଏ ଆଦେଶ ଦେବା ପାଇଁ କୌଣସି ପ୍ରାଧିକାର, ଦକ୍ଷତା କିମ୍ବା କ୍ଷମତା ନାହିଁ । ଉଚ୍ଚ ନ୍ୟାୟାଳୟ ଯେଉଁ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ଥିଲେ, ତାହାର ପ୍ରକୃତିକୁ ଦୃଷ୍ଟିରେ ରଖି ଏହା ବିଚାର କରିବାକୁ ହେବ ଯେ ଉଚ୍ଚ ନ୍ୟାୟାଳୟ ଏହି ବିବାଦୀୟ ଆକ୍ଷେପିତ ଆଦେଶ ପାରିତ କରିବାରେ ନିଜର କ୍ଷେତ୍ରାଧିକାରକୁ ଅତିକ୍ରମ କରିଛନ୍ତି । ଆଶ୍ଚର୍ଯ୍ୟଜନକ ଭାବରେ, ଉଚ୍ଚ ନ୍ୟାୟାଳୟ ଏକ ଅତ୍ୟନ୍ତ ସାରବାନ ଦିଗକୁ ଅଣଦେଖା କରିଥିଲେ ଯେ ପକ୍ଷମାନଙ୍କ ମଧ୍ୟରେ ବୈବାହିକ ବିବାଦ ଏକ ଦକ୍ଷ କ୍ଷେତ୍ରାଧିକାରବିଶିଷ୍ଟ ନ୍ୟାୟାଳୟରେ ପୂର୍ବରୁ ବିଚାରାଧୀନ ଅଛି ଏବଂ ସେହି ମାମଲାରେ ପକ୍ଷମାନଙ୍କ ଦ୍ୱାରା ଉଠାଯାଇଥିବା ବୈବାହିକ ବିବାଦ ସମ୍ବନ୍ଧୀୟ ସମସ୍ତ ଦିଗ ସେହି ନ୍ୟାୟାଳୟ  ଦ୍ୱାରା ବିଚାର କରାଯିବ ଏବଂ ସ୍ଥିର କରାଯିବ । ଯଦି ଶିଶୁର ପିତୃତ୍ୱ ସମ୍ବନ୍ଧରେ ବୈବାହିକ ନ୍ୟାୟାଳୟ ସମ୍ମୁଖରେ କୌଣସି ପ୍ରସଙ୍ଗ ଉଠେ, ତେବେ ସେହି ନ୍ୟାୟାଳୟ ଆଇନ ଅନୁଯାୟୀ ପ୍ରାସଙ୍ଗିକ ସମୟରେ ଏକ ଉପଯୁକ୍ତ ଆଦେଶ ପାରିତ କରିବାକୁ ସକ୍ଷମ ହେବେ । ଏହି ପ୍ରସଙ୍ଗର  କୌଣସି ଦୃଷ୍ଟିରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ବଜାୟ ରଖିବା ସମ୍ଭବ ନୁହେଁ । [ପାରା 14]

ଭବାନୀ ପ୍ରସାଦ ଜେନା ବନାମ କନଭେନର ସଚିବ, ଓଡ଼ିଶା ରାଜ୍ୟ ମହିଳା
ଆୟୋଗ ଏବଂ ଅନ୍ୟଜଣେ

*ଗୌତମ କୁଣ୍ଡୁ ବନାମ ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟଜଣେ* **(1993) 3 ଏସ ସି ସି 418;** *ଶାରଦା ବନାମ ଧର୍ମପାଲ* **(2003) 4 ଏସ ସି ସି 493;** *ବନାରସୀ ଦାସ ବନାମ ଟିକୁ ଦତ୍ତ ଏବଂ ଅନ୍ୟଜଣେ* **(2005) 4 ଏସ ସି ସି 449;** *ରାମକନ୍ୟା ବାଇ ବନାମ ଭରତରାମ* **(2010) 1 ଏସ ସି ସି 85- ଉଲ୍ଲେଖିତ ।**

*ରାୟଡେନ'ସ୍ ଲ' ଆଣ୍ଡ ପ୍ରାକ୍ଟିସ୍ ଇନ୍ ଡିଭୋର୍ସ ଆଣ୍ଡ ଫ୍ୟାମିଲି ମ୍ୟାଟର୍ସ* **(1983), ଖଣ୍ଡ I, ପୃ. 1054-- ଉଲ୍ଲେଖିତ ।**

**ନିର୍ଣ୍ଣୟ ଆଇନ ସନ୍ଦର୍ଭ:**

| | | |
|---|---|---|
| **(1993) 3 ଏସ ସି ସି 418** | **ଉଲ୍ଲେଖ କରାଯାଇଛି** | **ପାରା 9** |
| **(2003) 4 ଏସ ସି ସି 493** | **ଉଲ୍ଲେଖ କରାଯାଇଛି** | **ପାରା 10** |
| **(2005) 4 ଏସ ସି ସି 449** | **ଉଲ୍ଲେଖ କରାଯାଇଛି** | **ପାରା 11** |
| **(2010) 1 ଏସ ସି ସି 85** | **ଉଲ୍ଲେଖ କରାଯାଇଛି** | **ପାରା 12** |

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 6222-6223 / 2010 ।

ଡବ୍ଲ୍ୟୁ.ପି.(ସି) ସଂଖ୍ୟା 8308 ଏବଂ 8725/2009 ରେ କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 07.08.2009 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀ ପାଇଁ ଶ୍ୱେତକେତୁ ମିଶ୍ର, ପି. ପି. ନାୟକ, ଜନରଞ୍ଜନ ଦାସ ।

ପ୍ରତିବାଦମାନଙ୍କ ପାଇଁ ରଞ୍ଜନ ମୁଖାର୍ଜୀ, ଆଜିମ ଏଚ. ଲସ୍କାରେ, ସଚିନ ଦାସ, ଶିବାଶିଷ ମିଶ୍ର, ଅଭିଜିତ୍ ସେନଗୁପ୍ତା ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ଆର୍. ଏମ୍. ଲୋଧା, ନ୍ୟାୟମୂର୍ତ୍ତି** 1. ଅନୁମତି ମଞ୍ଜୁର କରାଗଲା ।

2. ବିଚାର ପାଇଁ ଦୁଇଟି ପ୍ରଶ୍ନ ଉଠୁଛି- ପ୍ରଥମତଃ, ଓଡ଼ିଶା (ରାଜ୍ୟ) ମହିଳା ଆୟୋଗ ଅଧିନିୟମ, 1993 (ସଂକ୍ଷେପରେ, '1993 ଅଧିନିୟମ') ର ଧାରା 3 ଅଧୀନରେ ଗଠିତ ରାଜ୍ୟ ମହିଳା ଆୟୋଗର କ୍ଷମତାର ପରିସର ଏବଂ ତା'ପରେ, ଶିଶୁର ଏବଂ ଆବେଦନକାରୀ, ଯିଏ କି ଶିଶୁର ମା' ଙ୍କ ଅନୁଯାୟୀ, ସ୍ୱତଃ ତା'ର ପିତା ଥିଲେ ଡିଅକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍ ପରୀକ୍ଷା (ଡିଏନଏ) ପାଇଁ ନିର୍ଦ୍ଦେଶ ଜାରି କରିବାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ

ନ୍ୟାୟସଙ୍ଗତ ଥିଲେ କି ନାହିଁ । ଏହି ପ୍ରଶ୍ନଗୁଡ଼ିକ ଏହିପରି ଭାବରେ ଉତ୍ଥିତ ହେଉଛି । ତା 15 ମେ 2007 ରିଖରେ ଆବେଦନକାରୀ ଭବାନୀ ପ୍ରସାଦ ଜେନା ଏବଂ ଦ୍ୱିତୀୟ ପ୍ରତିବାଦୀ ଶୁଭଶ୍ରୀ ନାୟକ- ବିବାହ କରିଥିଲେ । ସ୍ୱତନ୍ତ୍ର ବିବାହ ଅଧିନିୟମ, 1954 (ସଂକ୍ଷେପରେ, '1954 ଅଧିନିୟମ') ର ଧାରା 13 ଅଧୀନରେ 30 ଜୁନ୍, 2007 ରେ ବିବାହ ଅଧିକାରୀ, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ଦ୍ୱାରା ବିବାହ ପ୍ରମାଣପତ୍ର ଜାରି କରାଯାଇଥିଲା । ତିନି ମାସରୁ କମ୍ ସମୟ ମଧ୍ୟରେ, ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, 7 ଅଗଷ୍ଟ, 2007 ରେ ଆବେଦନକାରୀ 1954 ଅଧିନିୟମର ଧାରା 25(ii) ଅଧୀନରେ ଜିଲ୍ଲା ନ୍ୟାୟାଳୟ, ଖୋର୍ଦ୍ଧା, ଭୁବନେଶ୍ୱରରେ ଏକ ଘୋଷଣା ପାଇଁ ଏକ ଆବେଦନ ଦାଖଲ କରିଥିଲେ ଯେ ତାଙ୍କର ଏବଂ ଦ୍ୱିତୀୟ ପ୍ରତିବାଦୀ ମଧ୍ୟରେ ଜୁନ୍ 30, 2007 ରେ ପଞ୍ଜୀକୃତ ବିବାହ ଅସିଦ୍ଧ ଏବଂ ଉକ୍ତ ବିବାହ ସମ୍ପନ ହୋଇନାହିଁ । ସେହି ବୈବାହିକ କାର୍ଯ୍ୟପ୍ରକ୍ରିୟାରେ, ଦ୍ୱିତୀୟ ପ୍ରତିବାଦୀ ବର୍ଣ୍ଣନା ପତ୍ର ଦାଖଲ କରିଛନ୍ତି ଏବଂ ଆବେଦନରେ ଲଗା ଯାଇଥିବା ଆରୋପକୁ କାଟିଛନ୍ତି । ସେ ମଧ୍ୟ 10, 00, 000/- ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ଦାବି କରିଥିଲେ । ବୈବାହିକ କାର୍ଯ୍ୟାନୁଷ୍ଠାନ ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ; ତେବେ ଉକ୍ତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଅଛି ବୋଲି ଅବଗତି ପାଇଁ ଏହା ଯଥେଷ୍ଟ ।

3. ଦ୍ୱିତୀୟ ପ୍ରତିବାଦୀ ଡିସେମ୍ବର 30, 2008 ରେ ଓଡ଼ିଶା (ରାଜ୍ୟ) ମହିଳା ଆୟୋଗ (ସଂକ୍ଷେପରେ, 'ରାଜ୍ୟ ଆୟୋଗ') ନିକଟରେ ଅଭିଯୋଗ ଦାଖଲ କରିଥିଲେ ଯେ ସେ ଆବେଦନକାରୀଙ୍କୁ ବିବାହ କରିଥିଲେ ଏବଂ ଆବେଦନକାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ନିର୍ଯ୍ୟାତନା ଏବଂ ଅନ୍ୟାନ୍ୟ ସମସ୍ୟା ହେତୁ ସେମାନେ ଅଲଗା ହୋଇଯାଇଛନ୍ତି; ତାଙ୍କର ଆୟର କୌଣସି ଉତ୍ସ ନାହିଁ ଏବଂ ସେ ଗର୍ଭବତୀ ଥିଲେ । ଉକ୍ତ ଅଭିଯୋଗକୁ ଆଧାର କରି ରାଜ୍ୟ ଆୟୋଗ ଉଭୟ ପକ୍ଷଙ୍କୁ ନୋଟିସ୍ ଜାରି କରିଥିଲେ । ପକ୍ଷମାନେ ଏପ୍ରିଲ 20, 2009 ରେ, ରାଜ୍ୟ ଆୟୋଗଙ୍କ ସମ୍ମୁଖରେ ହାଜର ହୋଇଥିଲେ । ଆବେଦନକାରୀ ଅଭିଯୋଗର ଲିଖିତ ଉତ୍ତର ଦାଖଲ କରିଥିଲେ ଏବଂ କହିଥିଲେ ଯେ ପ୍ରବଞ୍ଚନା ଏବଂ ଜବରଦସ୍ତ କାରଣରୁ ପକ୍ଷମାନଙ୍କ ମଧ୍ୟରେ ବିବାହ ଅବୈଧ ଥିଲା ଏବଂ ବିବାହକୁ ବ୍ୟର୍ଥ ତଥା ଅସିଦ୍ଧ ଘୋଷଣା କରିବା ପାଇଁ ସେ ପୂର୍ବରୁ ଜିଲ୍ଲା ନ୍ୟାୟାଳୟ ଖୋର୍ଦ୍ଧାଙ୍କ ନିକଟରେ ଆବେଦନ କରିସାରିଛନ୍ତି ।

4. ରାଜ୍ୟ ଆୟୋଗର ଅଧ୍ୟକ୍ଷ 11 ମେ, 2009 ରେ ନିମ୍ନଲିଖିତ ନିର୍ଦ୍ଦେଶନାମା ଜାରି କରି ଏକ ଆଦେଶ ପାରିତ କରିଥିଲେ:

"1. ଆବେଦନକାରୀଙ୍କ ପାଇଁ ଭରଣପୋଷଣ ବାଧ୍ୟତାମୂଳକ, କାରଣ ତାଙ୍କୁ ନିରାପଦ ପ୍ରସବର ଏବଂ ଶିଶୁର ଯତ୍ନ ନେବାକୁ ପଡିବ ।

2. କ୍ଷତିପୂରଣ ରାଶି ଶ୍ରୀ ଭବାନୀ ପ୍ରସାଦ ଜେନାଙ୍କ ପାଉଥିବା ମୋଟ ଦରମା ପରିମାଣର ସର୍ବନିମ୍ନ 50 ପ୍ରତିଶତ ହେବ । ଡି.ଡି.ଓ. (ଡ୍ରଲ୍ ଏବଂ ବିତରଣ ଅଧିକାରୀ) ଙ୍କ କାର୍ଯ୍ୟାଳୟ ଦ୍ୱାରା ସିଧାସଳଖ ମା'ଙ୍କ ଖାତାରେ ରାଶି ରଖାଯିବ ।

\` 3. ଶ୍ରୀମତୀ ନାୟକଙ୍କ ପ୍ରସବ ଖର୍ଚ୍ଚ ପ୍ରକୃତରେ ଯାହା ହେବ ଶ୍ରୀ ଭବାନୀ ପ୍ରସାଦ ଜେନା ବହନ କରିବେ ।

4. ଏସ.ପି., ନବରଙ୍ଗପୁର ମାଧ୍ୟମରେ ଶ୍ରୀମତୀ ନାୟକଙ୍କର ଡିଏନଏ ପରୀକ୍ଷା ଅନୁଷ୍ଠିତ କରାଯିବ ଏବଂ ଭବିଷ୍ୟତରେ ଉଲ୍ଲେଖ ପାଇଁ ବିବରଣୀ ଓଏସସିଡବ୍ଲ୍ୟୁକୁ ପଠାଯିବ ।

ଉକ୍ତ ଆଦେଶରେ, ଏହା ପରିଲକ୍ଷ୍ୟ କରାଗଲା ଯେ ଉପରୋକ୍ତ ନିର୍ଦ୍ଦେଶଗୁଡ଼ିକ ଉପଯୁକ୍ତ ନ୍ୟାୟାଳୟର ଚୂଡ଼ାନ୍ତ ଆଦେଶର ସାପେକ୍ଷରେ ଅଟେ ।

5. ଆବେଦନକାରୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲପୂର୍ବକ ଉପରୋକ୍ତ ଆଦେଶକୁ ଆହ୍ୱାନ କରିଥିଲେ । ଆବେଦନକାରୀ ଅଭିମୁଖ୍ୟ ନେଲେ ଯେ ସେ ଦ୍ୱିତୀୟ ପ୍ରତିବାଦୀଙ୍କ ଗର୍ଭସ୍ଥ ଶିଶୁର ପିତା ନୁହଁନ୍ତି ଏବଂ 7 ଅଗଷ୍ଟ, 2007 (ଜିଲ୍ଲା ନ୍ୟାୟାଧୀଶ, ଖୋର୍ଦ୍ଧାଙ୍କ ସମ୍ମୁଖରେ ବୈବାହିକ ମାମଲା ଦାଖଲ କରିବାର ତାରିଖ) ପରଠାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ । ଏଠାରେ ଏହା ଉଲ୍ଲେଖ କରାଯିବା ଉଚିତ ଯେ 9 ଜୁନ୍, 2009 ରେ ଦ୍ୱିତୀୟ ପ୍ରତିବାଦୀଙ୍କ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କୁ ତାଙ୍କର ଏବଂ ଆବେଦନକାରୀଙ୍କ ମଧ୍ୟରେ ସମ୍ପର୍କର; ସେମାନଙ୍କର ବିବାହ; ଆବେଦନକାରୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ନିର୍ଯ୍ୟାତନା; ତାଙ୍କ ଗର୍ଭାବସ୍ଥାର ଆସନ୍ନ ସମୟ ଏବଂ ଯେ ସେ ସଞ୍ଜୀବନୀ ମା ଘରେ ରହୁଥିଲେ ପ୍ରଭୃତିର ଇତିବୃତ୍ତ ପ୍ରଦାନ କରି ଏକ ଚିଠି ପଠାଯାଇଥିଲା । ସେ ନ୍ୟାୟ ପାଇଁ ପ୍ରାର୍ଥନା କରିଥିଲେ କାରଣ ତାଙ୍କ ପ୍ରସବ 15 ଜୁନ୍, 2009 ରେ ଆଶା କରାଯାଉଥିଲା । ଅବକାଶ ନ୍ୟାୟାଧୀଶ ଉକ୍ତ ଚିଠିକୁ ରିଟ୍ ଆବେଦନ ଭାବରେ ବିବେଚନା କରିଥିଲେ ଏବଂ 9 ଜୁନ୍, 2009 ରେ ହିଁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଭୁବନେଶ୍ୱରଙ୍କୁ ରାଜ୍ୟର ଖର୍ଚ୍ଚରେ ଦ୍ୱିତୀୟ ପ୍ରତିବାଦୀଙ୍କୁ ରାଜଧାନୀ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ଏବଂ ଏହି ମାମଲାକୁ ଅବକାଶ ପରେ ନିୟମିତ ବିଚାରପୀଠ ସମ୍ମୁଖରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ 8 ଜୁନ୍, 2009 ରେ ଖଣ୍ଡପୀଠ ରାଜ୍ୟ ଆୟୋଗଙ୍କ ଦ୍ୱାରା ପାରିତ ଆଦେଶର ବାକ୍ୟାଂଶ 2 ଏବଂ 3 ର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଦେଇ ଆବେଦନକାରୀଙ୍କ ଦ୍ୱାରା

ଦାଖଲ ହୋଇଥିବା ରିଟ୍ ଆବେଦନରେ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରିଥିଲେ କିନ୍ତୁ ସ୍ପଷ୍ଟ କରିଥିଲେ ଯେ ଭରଣପୋଷଣ ଏବଂ ଡିଏନଏ ସମ୍ବନ୍ଧୀୟ ନିର୍ଦ୍ଦେଶ ସ୍ଥଗିତ ନାହିଁ ।

6. ଉଚ୍ଚ ନ୍ୟାୟାଳୟ 7 ଅଗଷ୍ଟ, 2009 ରେ ବିଚାର ପାଇଁ ଉଭୟ ରିଟ୍ ଆବେଦନ ଗ୍ରହଣ କରିଥିଲେ ଏବଂ ଏକ ଆଦେଶ ପାରିତ କରିଥିଲେ ଯେ ଶିଶୁର ଡିଏନ୍ଏ କଟକର ଏସସିବି ମେଡିକାଲ୍ କଲେଜ ଏବଂ ଡାକ୍ତରଖାନାରେ କରାଯିବ ଏବଂ ଡିଏନଏ ଉଦ୍ଦେଶ୍ୟରେ ଆବେଦନକାରୀ ତାଙ୍କର ରକ୍ତ ନମୁନା ମଧ୍ୟ ଦେବେ । ସ୍ୱତନ୍ତ୍ର ଅନୁମତି ଦ୍ୱାରା ବର୍ତ୍ତମାନର ଆବେଦନଗୁଡ଼ିକରେ ଏହି ଆଦେଶକୁ ଆକ୍ଷେପିତ କରାଯାଇଛି ।

7. ଓଡ଼ିଶା ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ଏକ ରାଜ୍ୟ ମହିଳା ଆୟୋଗ ଗଠନ କରିବା ଏବଂ ଏହା ସହ ସମ୍ପୃକ୍ତ କିମ୍ବା ଆନୁସଙ୍ଗିକ ବିଷୟଗୁଡ଼ିକର ବ୍ୟବସ୍ଥା କରିବା ପାଇଁ 1993 ଅଧିନିୟମ ପ୍ରଣୟନ କରାଯାଇଥିଲା । ଧାରା 10 ରେ ଆୟୋଗଙ୍କ କାର୍ଯ୍ୟ ବିନିର୍ଦ୍ଦିଷ୍ଟ ହୋଇଛି ଯାହା ଏହିପରି ପଠନୀୟ:

> "ଧାରା 10. - ଆୟୋଗଙ୍କ କାର୍ଯ୍ୟ- (1) ଆୟୋଗ ନିମ୍ନଲିଖିତ ସମସ୍ତ କିମ୍ବା ତନ୍ମଧ୍ୟରୁ କୌଣସି କାର୍ଯ୍ୟ ସମ୍ପାଦନ କରିବେ, ଯଥା:
>
> (a) ଏଗୁଡ଼ିକ ଉପରେ ଗଭୀର ଅଧ୍ୟୟନ କରିବେ-
>
> (i) ରାଜ୍ୟର ମହିଳାମାନଙ୍କ ଆର୍ଥିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟଗତ ସ୍ଥିତି, ବିଶେଷ କରି ମହିଳା ସାକ୍ଷରତା, ମୃତ୍ୟୁହାର ଏବଂ ଆର୍ଥିକ ବିକାଶ ଦୃଷ୍ଟିରୁ ଅବିକଶିତ ଆଦିବାସୀ ଜିଲ୍ଲାମାନ ତଥା ଅଞ୍ଚଳଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ ।
>
> (ii) କେଉଁ ସ୍ଥିତିରେ ମହିଳାମାନେ କାରଖାନା, ପ୍ରତିଷ୍ଠାନ, ନିର୍ମାଣ ସ୍ଥଳ ଏବଂ ଅନ୍ୟାନ୍ୟ ସମାନ ପରିସ୍ଥିତିରେ କାମ କରନ୍ତି;
>
> ଏବଂ ଉକ୍ତ କ୍ଷେତ୍ରରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ଆଣିବା ସକାଶେ ବିନିର୍ଦ୍ଦିଷ୍ଟ ବିବରଣୀ ଆଧାରରେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବା ।
>
> (b) ବିବାହ ଏବଂ ଯୌତୁକ ସମ୍ବନ୍ଧୀୟ ମାମଲା, ବଳାତ୍କାର, ଅପହରଣ, ଅପରାଧିକ ହରଣଚାଳ, ନାରୀ ଶୋଷଣ, ମହିଳାଙ୍କ ଅନୈତିକ ଚାଲାଣ ଏବଂ ପ୍ରସବ କିମ୍ବା ବନ୍ଧ୍ୟାକରଣ ସମ୍ବନ୍ଧୀୟ ଡାକ୍ତରୀ ଅବହେଳା କିମ୍ବା ଶିଶୁକୁ ଗର୍ଭରେ ଧାରଣ କରିବା

କିମ୍ବା ପିଲା ଜନ୍ମରେ ଡାକ୍ତରୀ ହସ୍ତକ୍ଷେପ ମାମଲା ସହିତ ରାଜ୍ୟରେ କିମ୍ବା ବଛା ବଛା ଅଞ୍ଚଳରେ ମହିଳାଙ୍କ ବିରୋଧରେ ସମସ୍ତ ଅପରାଧର ଘଟଣା ଉପରେ ସମୟ ସମୟରେ ସୂଚନା ସଂକଳନ କରିବା;

(c) ସମଗ୍ର ରାଜ୍ୟରେ କିମ୍ବା ନିର୍ଦ୍ଦିଷ୍ଟ ଅଞ୍ଚଳମାନଙ୍କରେ, ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପାଇଁ, ଯଦି କିଛି ଥାଏ, ଲୋକମତ ସଂଗ୍ରହରେ ରାଜ୍ୟ କକ୍ଷ ଏବଂ ଜିଲ୍ଲା କକ୍ଷ ସହିତ ସମନ୍ୱୟ ରକ୍ଷା କରିବା ଯାହା ଏଭଳି ଅତ୍ୟାଚାରଜନିତ ଅପରାଧଗୁଡ଼ିକର ଦ୍ରୁତ ବିବୃତି ଦେବାରେ ଏବଂ ଚିହ୍ନଟ କରିବାରେ ଏବଂ ଅପରାଧୀଙ୍କ ବିରୋଧରେ ଲୋକମତ ସଂଗ୍ରହ କରିବାରେ ସହାୟକ ହେବ ।

(d) ଅଭିଯୋଗ ଗ୍ରହଣ କରିବେ-

(i) ମହିଳାମାନଙ୍କ ଉପରେ ଅତ୍ୟାଚାର ଏବଂ ମହିଳାମାନଙ୍କ ପ୍ରତି ଅପରାଧ,

(ii) ମହିଳାମାନଙ୍କୁ ସର୍ବନିମ୍ନ ମଜୁରୀ, ମୌଳିକ ସ୍ୱାସ୍ଥ୍ୟ ଏବଂ ମାତୃତ୍ୱ ସମ୍ବନ୍ଧୀୟ ଅଧିକାରରୁ ବଞ୍ଚିତ କରିବା,

(iii) ମହିଳାମାନଙ୍କ ସମ୍ବନ୍ଧରେ ସରକାରଙ୍କ ନୀତିଗତ ନିଷ୍ପତ୍ତିକୁ ଅନୁପାଳନ ନ କରିବା;

(iv) ପରିତ୍ୟକ୍ତ ଏବଂ ନିରାଶ୍ରୟ ମହିଳା ଏବଂ ବେଶ୍ୟାବୃତ୍ତିରେ ଥିବାକୁ ବାଧ ହୋଇଥିବା ମହିଳାମାନଙ୍କ ପୁନଃ ଥଇଥାନ;

(v) ହେପାଜତରେ ଥିବା ମହିଳାମାନଙ୍କ ଉପରେ ଅତ୍ୟାଚାର, ଏବଂ ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା;

(e) ଗରିବ ମହିଳାମାନଙ୍କୁ ଆଇନଗତ ପରାମର୍ଶ ଦେବା ଏବଂ ଏଭଳି ମହିଳାମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରିବାରେ ରାଜ୍ୟର ଅଣ-ସରକାରୀ ସଂସ୍ଥାଗୁଡ଼ିକର ସହାୟତା, ତାଲିମପ୍ରାପ୍ତ ଏବଂ ମାର୍ଗଦର୍ଶନ କରିବା;

(f) ଏକ କାରାଗାର, ପୁନଃପ୍ରେରଣ ଗୃହ, ମହିଳା ଅନୁଷ୍ଠାନ କିମ୍ବା ଅନ୍ୟ ହେପାଜତ ସ୍ଥାନ ଯେଉଁଠାରେ ମହିଳାମାନଙ୍କୁ ବନ୍ଦୀ ଭାବରେ ରଖାଯାଇଛି କିମ୍ବା ଅନ୍ୟଥା, ପ୍ରଭୃତିର ଯାଞ୍ଚ କରିବା କିମ୍ବା ଯାଞ୍ଚ କରେଇବା ଏବଂ ଆବଶ୍ୟକ ହେଲେ ପ୍ରତିକାର କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା;

(g) ରାଜ୍ୟ ସରକାରଙ୍କ ଦ୍ୱାରା ପଠାଯିବାକୁ ଥିବା ଅନ୍ୟ କୌଣସି ବିଷୟ ସମ୍ବନ୍ଧରେ କାର୍ଯ୍ୟ ସମ୍ପାଦନ କରିବା ।

(2) ରାଜ୍ୟ ସରକାର ଉପଧାରା (1) ଅଧୀନରେ ଆୟୋଗଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ ସୁପାରିଶ କିମ୍ବା ବିବରଣୀ କିମ୍ବା ଏହାର କୌଣସି ଅଂଶ, ଯେ କୌଣସି ବିଷୟ ଯାହା ରାଜ୍ୟ ସରକାରଙ୍କ ସହ ସମ୍ପର୍କିତ, ତାହା ରାଜ୍ୟ ବିଧାନମଣ୍ଡଳ ସମ୍ମୁଖରେ ଉପସ୍ଥାପନ କରିବେ, ଆୟୋଗଙ୍କ ସୁପାରିଶ କ୍ରମେ ନିଆଯାଇଥିବା କିମ୍ବା ନିଆଯିବାକୁ ଥିବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ବିଷୟରେ ଏବଂ ଏପରି ସୁପାରିଶକୁ ଗ୍ରହଣ ନ କରିବାର କାରଣ, ଯଦି କିଛି ଥାଏ, ସେ ସମସ୍ତ ବିଷୟରେ ବ୍ୟାଖ୍ୟା କରି ଏକ ସ୍ମାରକପତ୍ର ସହିତ ଉପସ୍ଥାପନ କରାଯିବ ।

(3) ଉପଧାରା (1) ର ଖଣ୍ଡ (a) କିମ୍ବା ଖଣ୍ଡ (d) ରେ ସୂଚିତ କୌଣସି ବିଷୟର ତଦନ୍ତ କରିବା ସମୟରେ, ଆୟୋଗଙ୍କ ପାଖରେ ଏକ ଦେୱାନୀ ନ୍ୟାୟାଳୟର ସମସ୍ତ କ୍ଷମତା ରହିବ ଏବଂ ବିଶେଷ କରି, ନିମ୍ନଲିଖିତ ବିଷୟ ସମ୍ବନ୍ଧରେ, ଯଥା:

(a) ଭାରତର ଯେକୌଣସି ଭାଗରୁ କୌଣସି ବ୍ୟକ୍ତିଙ୍କୁ ଡକାଇବା ଏବଂ ତାଙ୍କ ଉପସ୍ଥିତିକୁ ବାଧ କରିବା ଏବଂ ତାଙ୍କୁ ଶପଥ ଉପରେ ପରୀକ୍ଷା କରିବା;

(b) କୌଣସି ଦସ୍ତାବିଜର ଆବିଷ୍କାର ଏବଂ ଉପସ୍ଥାପନ ଆବଶ୍ୟକ କରିବା;

(c) ସତ୍ୟପାଠ ଉପରେ ପ୍ରମାଣ ଗ୍ରହଣ କରିବା;

(d) କୌଣସି ନ୍ୟାୟାଳୟ କିମ୍ବା କାର୍ଯ୍ୟାଳୟରୁ କୌଣସି ସାର୍ବଜନୀନ ନଥିପତ୍ର କିମ୍ବା ତାହାର ନକଲ ଯାଚନା କରିବା;

(e) ସାକ୍ଷୀ ଏବଂ ଦସ୍ତାବିଜଗୁଡ଼ିକର ପରୀକ୍ଷା ପାଇଁ କମିଶନ ଜାରି କରିବା; ଏବଂ

(f) ଅନ୍ୟ କୌଣସି ବିଷୟ ଯାହା ନିର୍ଦ୍ଧାରିତ ହୋଇପାରେ ।"

8. 1993 ଅଧିନିୟମର ଧାରା 10 ରୁ ଏହା ଦେଖାଯିବ ଯେ ରାଜ୍ୟର ମହିଳାମାନଙ୍କ ଆର୍ଥିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟ ଅବସ୍ଥା ସମ୍ବନ୍ଧରେ ଏବଂ କାରଖାନା, ପ୍ରତିଷ୍ଠାନ, ନିର୍ମାଣ ସ୍ଥଳରେ ମହିଳାମାନଙ୍କ କାର୍ଯ୍ୟର ସ୍ଥିତି ଅଧ୍ୟୟନ କରିବାକୁ ରାଜ୍ୟ ଆୟୋଗଙ୍କୁ କ୍ଷମତା ଦିଆଯାଇଛି ଏବଂ ରାଜ୍ୟ ସରକାରଙ୍କୁ ଏହାର ସୁପାରିଶ କରିବ । ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ ସମ୍ବନ୍ଧରେ ସୂଚନା ସଂଗ୍ରହ କରିବା ଏବଂ ମହିଳାଙ୍କ ବିରୋଧରେ ହେଉଥିବା

ଅତ୍ୟାଚାର ପାଇଁ ରାଜ୍ୟ କକ୍ଷ ଏବଂ ଜିଲ୍ଲା କକ୍ଷ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ରାଜ୍ୟ ଆୟୋଗଙ୍କୁ କ୍ଷମତା ଦିଆଯାଇଛି । ଅଧିକନ୍ତୁ, ରାଜ୍ୟ ଆୟୋଗ ଧାରା 10(1)(d) ରେ ବିନିର୍ଦ୍ଦିଷ୍ଟ ଥିବା ବିଷୟ ସମ୍ବନ୍ଧରେ ଅଭିଯୋଗ ଗ୍ରହଣ କରିବାକୁ ଏବଂ ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗପତ୍ର/ଗୁଡ଼ିକରେ ଉଠାଯାଇଥିବା ଅଭିଯୋଗଗୁଡ଼ିକୁ ନେବାକୁ ସକ୍ଷମ ଅଟନ୍ତି । ଗରିବ ମହିଳାମାନଙ୍କୁ ଆଇନଗତ ପରାମର୍ଶ ଦେବା ଏବଂ ଏଭଳି ମହିଳାମାନଙ୍କୁ ଆଇନଗତ ସହାୟତା ପ୍ରଦାନ କରିବାରେ ରାଜ୍ୟର ଅଣ-ସରକାରୀ ସଂସ୍ଥାଗୁଡ଼ିକର ସହାୟତା, ତାଲିମପ୍ରାପ୍ତ ଏବଂ ମାର୍ଗଦର୍ଶନ କରିବା ଦାୟିତ୍ୱ ମଧ୍ୟ ରାଜ୍ୟ ଆୟୋଗଙ୍କୁ ଦିଆଯାଇଛି । ଧାରା 10(1) ର ଖଣ୍ଡ (f) ଅଧୀନରେ ଏକ କାରାଗାର, ପୁନଃପ୍ରେରଣ ଗୃହ, ମହିଳା ଅନୁଷ୍ଠାନ କିମ୍ବା ଅନ୍ୟ ହେପାଜତ ସ୍ଥାନ ଯେଉଁଠାରେ ମହିଳାମାନଙ୍କୁ ବନ୍ଦୀ ଭାବରେ ରଖାଯାଇଛି କିମ୍ବା ଅନ୍ୟଥା ରାଜ୍ୟ ଆୟୋଗ ଯାଞ୍ଚ କରିବାକୁ କିମ୍ବା ଯାଞ୍ଚ କରେଇବାକୁ କ୍ଷମତାପ୍ରାପ୍ତ ଏବଂ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଏହି ବିଷୟଗୁଡ଼ିକୁ ନେବାକୁ କ୍ଷମତାପନ୍ନ ଅଟେ । ଅନ୍ୟ ଅର୍ଥରେ, ରାଜ୍ୟ ଆୟୋଗଙ୍କୁ ବ୍ୟାପକ ଭାବେ ଆର୍ଥିକ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପ୍ରସଙ୍ଗରେ ଅଧ୍ୟୟନ କରିବାକୁ ଯାହା ରାଜ୍ୟର ମହିଳାମାନଙ୍କ ସାମଗ୍ରିକ ବିକାଶରେ ସାହାଯ୍ୟ କରିପାରିବ; ମହିଳାଙ୍କ ବିରୋଧରେ ଅପରାଧ ସମ୍ବନ୍ଧୀୟ ପରିସଂଖ୍ୟାନ ସଂଗ୍ରହ; ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ସର୍ବନିମ୍ନ ମଜୁରୀ, ମୌଳିକ ସ୍ୱାସ୍ଥ୍ୟ, ମାତୃତ୍ୱ ଅଧିକାର ଇତ୍ୟାଦି କ୍ଷେତ୍ରରେ ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ତଦନ୍ତ, ଏବଂ ତଥ୍ୟ ନିଶ୍ଚିତ ହେବା ପରେ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରସଙ୍ଗ ଉଠାଇବାକୁ; ଅସୁବିଧାରେ ଥିବା ମହିଳାମାନଙ୍କୁ ଜଣେ ବନ୍ଧୁ, ଦାର୍ଶନିକ ଭାବରେ ସାହାଯ୍ୟ କରିବାକୁ ଏବଂ ସେମାନଙ୍କର ଆଇନଗତ ଅଧିକାର କାର୍ଯ୍ୟକାରୀ କରିବାରେ ମାର୍ଗଦର୍ଶନ କରିବାକୁ ଦାୟିତ୍ୱ ଦିଆଯାଇଛି । ତେବେ ପକ୍ଷମାନଙ୍କ ନ୍ୟାୟ ବିଚାର କିମ୍ବା ଅଧିକାର ନିର୍ଦ୍ଧାରଣ କରିବା ପାଇଁ ରାଜ୍ୟ ଆୟୋଗଙ୍କୁ କୌଣସି କ୍ଷମତା କିମ୍ବା ପ୍ରାଧିକାର ଦିଆଯାଇନାହିଁ । ଦ୍ୱିତୀୟ ପ୍ରତିବାଦୀଙ୍କ ପକ୍ଷର ଶ୍ରୀମାନ ଓକିଲ, ଶ୍ରୀଯୁକ୍ତ ରଞ୍ଜନ ମୁଖାର୍ଜୀ, ଦର୍ଶାଇଛନ୍ତି ଯେ ରାଜ୍ୟ ଆୟୋଗଙ୍କୁ ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା ସମ୍ବନ୍ଧୀୟ ମାମଲା ସମେତ ଅଭିଯୋଗ ଗ୍ରହଣ କରିବାକୁ ଥରେ କ୍ଷମତା ଦିଆଯାଇଛି, ଏହା ସୂଚିତ କରେ ଯେ ରାଜ୍ୟ ଆୟୋଗ ଏହି ଅଭିଯୋଗଗୁଡ଼ିକର ନିଷ୍ପତ୍ତି ନେବାକୁ ପ୍ରାଧିକୃତ । ଆମ୍ଭେ ଦୁଃଖିତ, ଶ୍ରୀମାନ ଓକିଲଙ୍କ ଦ୍ୱାରା ଦିଆଯାଇଥିବା ପରାମର୍ଶ କ୍ରମେ ଧାରା 10(1)(d) ରେ ଏପରି କୌଣସି ନିହିତ କ୍ଷମତା ପଠନ କରାଯାଇପାରିବ ନାହିଁ । ଧାରା 10 (1)(d) ରେ ସନ୍ନିବେଶିତ

ବ୍ୟବସ୍ଥା ସ୍ପଷ୍ଟ ଅଟେ ଯେ ରାଜ୍ୟ ଆୟୋଗ ସେଥିରେ ବିନିର୍ଦ୍ଦିଷ୍ଟ ଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ଅଭିଯୋଗମାନ ଗ୍ରହଣ କରିପାରିବେ ଏବଂ ଏପରି ଅଭିଯୋଗ ପାଇବା ପରେ ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଏହି ବିଷୟ ନେଇପାରିବେ । 1993 ଅଧିନିୟମ ରାଜ୍ୟ ଆୟୋଗଙ୍କୁ ନ୍ୟାୟାଳୟ କିମ୍ବା ନ୍ୟାୟ ନିର୍ଣ୍ଣାୟକ ନ୍ୟାୟାଧିକରଣର ଭୂମିକା ଗ୍ରହଣ କରିବାର ଏବଂ ପକ୍ଷମାନଙ୍କ ଅଧିକାର ନିର୍ଦ୍ଧାରଣ କରିବାର କ୍ଷମତା ପ୍ରଦାନ କରିନାହିଁ । ରାଜ୍ୟ ଆୟୋଗ ନ୍ୟାୟିକ ଚରିତ୍ରର କିମ୍ବା ନ୍ୟାୟାଳୟର କାର୍ଯ୍ୟ ସମ୍ପାଦନ କରୁଥିବା ଏକ ନ୍ୟାୟାଧିକରଣ ନୁହେଁ । ଦ୍ୱିତୀୟ ପ୍ରତିବାଦୀଙ୍କ ପାଇଁ ଶ୍ରୀମାନ ଅଧିବକ୍ତା ତତ୍ ପରେ ଧାରା 10(3) କୁ ଉଲ୍ଲେଖ କରି ଦର୍ଶାଇଥିଲେ ଯେ ରାଜ୍ୟ ଆୟୋଗଙ୍କୁ ଏକ ମକଦ୍ଦମାର ବିଚାର କରୁଥିବା ଦେୱାନୀ ନ୍ୟାୟାଳୟର ସମସ୍ତ କ୍ଷମତା ପ୍ରଦାନ କରାଯାଇଛି । ଆମ୍ଭେ ଦୁଃଖିତ; ଏହା ଧାରା 10(3) ର ସଠିକ୍ ପଠନ ନୁହେଁ । ଧାରା 10(3) ରେ 'ଏକ ଦେୱାନୀ ନ୍ୟାୟାଳୟର ସମସ୍ତ କ୍ଷମତା ଅଛି' ଅଭିବ୍ୟକ୍ତି ନିମ୍ନଲିଖିତ ଶବ୍ଦାବଳୀ, 'ନିମ୍ନଲିଖିତ ବିଷୟ ସମ୍ବନ୍ଧରେ' ଦ୍ୱାରା ଯୋଗ୍ୟ ବିବେଚିତ ହେଉଛି । ଅର୍ଥାତ୍, ଖଣ୍ଡ (a) ରୁ (f) ରେ ବିନିର୍ଦ୍ଦିଷ୍ଟ ହୋଇଥିବା ମାମଲା ପାଇଁ ହିଁ ରାଜ୍ୟ ଆୟୋଗଙ୍କ ପାଖରେ ଦେୱାନୀ ନ୍ୟାୟାଳୟର ମକଦ୍ଦମା ବିଚାର କ୍ଷମତା ରହିଛି ଏବଂ ଅନ୍ୟ କୌଣସି ଅଭିପ୍ରାୟରେ ନୁହେଁ । ଆମ୍ଭ ପାଇଁ ଏହା ସ୍ପଷ୍ଟ ଯେ ଯେଉଁ ଆଦେଶ ଦିଆଯାଇଛି, ସେପରି ଆଦେଶ ଦେବା ପାଇଁ ବିଧାନମଣ୍ଡଳ ରାଜ୍ୟ ଆୟୋଗଙ୍କୁ ନ୍ୟାୟିକ କ୍ଷେତ୍ରାଧିକାର ଦେବା ପର୍ଯ୍ୟନ୍ତ ଯାଇନାହିଁ । ରାଜ୍ୟ ଆୟୋଗଙ୍କ ଦ୍ୱାରା 11 ମେ, 2009 ରେ ଦିଆଯାଇଥିବା ନିର୍ଦ୍ଦେଶର ବୈଧତା ଆମ୍ଭେ ଯେ କୌଣସି ଦୃଷ୍ଟିକୋଣରୁ ଯାଞ୍ଚ କରିପାରିବା, ଏହା ଆମ୍ଭଙ୍କୁ ପ୍ରତୀୟମାନ ହେଉଛି ଯେ ଉକ୍ତ ଆଦେଶ ରାଜ୍ୟ ଆୟୋଗଙ୍କ କ୍ଷେତ୍ରାଧିକାରିତା, କ୍ଷମତା କିମ୍ବା ଦକ୍ଷତା ବାହାରେ ଥିଲା । ଏହା ଏପରି ଏକ ଆଦେଶ ଥିଲା ଯାହା କରିବା ପାଇଁ ରାଜ୍ୟ ଆୟୋଗଙ୍କର ଦକ୍ଷତା ନଥିଲା ଏବଂ ତେଣୁ ଏହା ଏକ ଅସିଦ୍ଧ ଆଦେଶ ଥିଲା । ଉଚ୍ଚ ନ୍ୟାୟାଳୟ ସେହି ଆଦେଶକୁ ସଂଶୋଧନ କରିବା ପରିବର୍ତ୍ତେ ଏକ ପାଦ ଆଗକୁ ଯାଇ ନିର୍ଦ୍ଦେଶ ଦେଇଛନ୍ତି ଯେ ଶିଶୁ ଓ ଆବେଦନକାରୀଙ୍କ ଡିଏନଏ ଅନୁଷ୍ଠିତ ହେବ ।

9. ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏଭଳି ଏକ ନିର୍ଦ୍ଦେଶ ଦିଆଯାଇପାରିବ କି? ଏହି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ, ଆମେ ଡିଏନଏ ନିର୍ଦ୍ଦେଶନାରେ ନ୍ୟାୟାଳୟ କ୍ଷମତା ସହ ସମ୍ପୃକ୍ତ ଏହି ନ୍ୟାୟାଳୟର କେତେକ ନିଷ୍ପତ୍ତି ଉପରେ ଧ୍ୟାନ ଦେବୁ । *ଗୌତମ କୁଣ୍ଡୁ ବନାମ ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟଜଣେ* ମାମଲାରେ, ପତ୍ନୀଙ୍କ ଦ୍ୱାରା ସନ୍ତାନ ପାଇଁ ଦାବି କରାଯାଇଥିବା ଭରଣପୋଷଣରୁ ଉତ୍ପନ୍ନ ଏକ ମାମଲା ସହିତ ଏହି ନ୍ୟାୟାଳୟ ସମ୍ପୃକ୍ତ ଥିଲେ । ସ୍ୱାମୀ ଶିଶୁଟିର ପିତୃତ୍ୱକୁ ନେଇ ବିବାଦ କରିଥିଲେ ଏବଂ ସେ ଶିଶୁର ପିତା ନୁହେଁ ବୋଲି ପ୍ରମାଣ କରିବା ପାଇଁ ଶିଶୁର ରକ୍ତ ବର୍ଗ ପରୀକ୍ଷା ପାଇଁ ପ୍ରାର୍ଥନା କରିଥିଲେ । ଏହି ଅଦାଲତ ସାକ୍ଷ୍ୟ ଅଧିନିୟମର ଧାରା 4 ଏବଂ ଧାରା 112 ଏବଂ

ଭବାନୀ ପ୍ରସାଦ ଜେନା ବନାମ କନଭେନର ସଚିବ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଅନ୍ୟଜଣେ [ଆର୍. ଏମ୍. ଲୋଧା, ନ୍ୟାୟମୂର୍ତ୍ତି]

ଇଂରାଜୀ ଏବଂ ଆମେରିକୀୟ ନ୍ୟାୟାଳୟମାନଙ୍କର ନିଷ୍ପତ୍ତିଗୁଛ ଏବଂ *ରେଡେନ୍'ସ ଲ ଆଣ୍ଡ ପ୍ରାକ୍ଟିସ ଇନ ଡିଭୋର୍ସ ଆଣ୍ଡ ଫାମିଲି ମ୍ୟାଟର୍ସ* (1983), ଖଣ୍ଡ 1, ପୃ. 1054 ରେ ଦିଆଯାଇଥିବା ନିମ୍ନଲିଖିତ ବିବୃତି ସମେତ କିଛି ପ୍ରାମାଣିକ ପାଠ୍ୟ ମଧ୍ୟ ଉଲ୍ଲେଖ କରିଛନ୍ତି ଯାହା ଏହିପରି ପଠନୀୟ:

"ଡାକ୍ତରୀ ବିଜ୍ଞାନ ନିର୍ଦ୍ଦିଷ୍ଟ ବର୍ଗରେ ବ୍ୟକ୍ତିବିଶେଷଙ୍କ ରକ୍ତକୁ ବିଶ୍ଳେଷଣ କରିବାରେ ସକ୍ଷମ; ଏବଂ ଜଣେ ବ୍ୟକ୍ତି ପିତା ହୋଇପାରିବେ କି ନାହିଁ ତାହା ତାଙ୍କର ଏବଂ ଶିଶୁଜଣଙ୍କର ରକ୍ତ ପରୀକ୍ଷା ଦ୍ୱାରା ନିର୍ଣ୍ଣୟ କରିବାକୁ ସକ୍ଷମ । ରକ୍ତ ପରୀକ୍ଷା ସକାରାତ୍ମକ ଭାବରେ ଦେଖାଇପାରିବ ନାହିଁ ଯେ କୌଣସି ପୁରୁଷ ପିତା ଅଟନ୍ତି, କିନ୍ତୁ ଏହା ସକରାତ୍ମକ ଭାବରେ ଦେଖାଇପାରିବ ଯେ ଜଣେ ପ୍ରଦତ୍ତ ବ୍ୟକ୍ତି ପିତା ହୋଇପାରନ୍ତି କିମ୍ବା ହୋଇପାରିବେ ନାହିଁ । ଏହା ସ୍ପଷ୍ଟ ଭାବରେ ପରବର୍ତ୍ତୀ ଦିଗ ଯାହା ପିତୃତ୍ୱ ନିର୍ଣ୍ଣୟ କରିବାରେ ସବୁଠାରୁ ମୂଲ୍ୟବାନ ପ୍ରମାଣିତ ହୁଏ, ଅର୍ଥାତ୍, ବର୍ଜନ ଦିଗ, ଯଦି ଏହା ଥରେ ସ୍ଥିର ହୋଇଯାଏ ଯେ ବ୍ୟକ୍ତିଜଣଙ୍କ ପିତା ହୋଇପାରିବେ ନାହିଁ, ତେବେ ଏହାଦ୍ୱାରା ସେ ପିତୃତ୍ୱ ବିଚାରରୁ ସ୍ୱୟଂକ୍ରିୟ ଭାବେ ବାଦ୍ ପଡ଼ିଥାନ୍ତି । ଯେତେବେଳେ ଜଣେ ପୁରୁଷ ଏକ ଶିଶୁର ପିତା ନୁହଁନ୍ତି, ଏହା କୁହାଯାଇଛି ଯେ ଅତି କମରେ 70 ପ୍ରତିଶତ ସମ୍ଭାବନା ଅଛି ଯେ ଯଦି ରକ୍ତ ପରୀକ୍ଷାମାନ କରାଯାଏ ତେବେ ସେଗୁଡ଼ିକ ସକରାତ୍ମକ ଭାବରେ ଦର୍ଶାଇବେ ଯେ ସେ ପିତା ନୁହଁନ୍ତି, ଏବଂ କେତେକ କ୍ଷେତ୍ରରେ ସମ୍ଭାବନା ଆହୁରି ଅଧିକ । ଗର୍ଭଧାରଣ ସମୟରେ ମାଆଙ୍କ ସହ ଯୌନ ସମ୍ପର୍କ ରଖିଥିବା ଦୁଇ ଜଣ ପୁରୁଷ, ଯେଉଁ ଦୁହିଁଙ୍କ ରକ୍ତ ପରୀକ୍ଷା କରାଗଲେ, ସେହିପରି ସମ୍ଭବତଃ କୁହାଯାଇଛି ଯେ 90 ପ୍ରତିଶତ ସମ୍ଭାବନା ଅଛି ଯେ ପରୀକ୍ଷଣଗୁଡିକ ଦର୍ଶାଇବ ଯେ ସେମାନଙ୍କ ମଧ୍ୟରୁ ଜଣେ ପିତା ନୁହଁନ୍ତି ଅପ୍ରତିରୋଧଯୋଗ୍ୟ ଅନୁମାନ ସହ ଯେ ଆର ଜଣକ ପିତା ଅଟନ୍ତି ।"

ଏହି ନ୍ୟାୟାଳୟ ଶେଷରେ ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ, ତାହା ଏହିପରି:

"(1) ଯେ ଭାରତର ନ୍ୟାୟାଳୟମାନେ ନିଶ୍ଚିତ ଭାବେ ରକ୍ତ ପରୀକ୍ଷା ପାଇଁ ଆଦେଶ ଦେଇପାରିବେ ନାହିଁ;

(2) ଯେଉଁଠାରେ ଜିଜ୍ଞାସା ପାଇଁ ଏଭଳି ପ୍ରାର୍ଥନା ପାଇଁ ଆବେଦନ ଏହିପରି କରାଯାଇଥାଏ, ସେଠାରେ ରକ୍ତ ପରୀକ୍ଷା ପାଇଁ ପ୍ରାର୍ଥନାକୁ ଗ୍ରହଣ କରାଯାଇପାରିବ ନାହିଁ ।

(3) ସାକ୍ଷ୍ୟ ପ୍ରମାଣ ଅଧିନିୟମର ଧାରା 112 ଅଧୀନରେ ଉତ୍ଥିତ ପ୍ରାକ୍ ଧାରଣାକୁ ଦୂର କରିବା ପାଇଁ ସ୍ୱାମୀ ଅଣ-ପ୍ରବେଶ ପ୍ରତିଷ୍ଠା କରିବା ଆବଶ୍ୟକ ବୋଲି ଏକ ବଳିଷ୍ଠ ପ୍ରଥମ ଦୃଷ୍ଟିଗତ ମାମଲା ରହିଥିବା ଜରୁରୀ ।

(4) ରକ୍ତ ପରୀକ୍ଷା ଆଦେଶର ପରିଣାମ କ'ଣ ହେବ ସେ ବିଷୟରେ ନ୍ୟାୟାଳୟ ଯତ୍ନ ସହକାରେ ଯାଞ୍ଚ କରିବା ଆବଶ୍ୟକ; ଏହା ଏକ ଶିଶୁକୁ ଜାରଜ ଏବଂ ମାଆକୁ ଦୁଶ୍ଚରିତ୍ର ମହିଳା ଭାବରେ ଦାଗ ଲଗେଇବାର ପ୍ରଭାବ ପକାଇବ କି ।

(5) ବିଶ୍ଳେଷଣ ପାଇଁ କାହାକୁ ରକ୍ତ ନମୁନା ଦେବାକୁ ବାଧ କରାଯାଇପାରିବ ନାହିଁ ।

10. *ଶାରଦା ବନାମ ଧର୍ମପାଳ* ମାମଲାରେ, ତିନି ଜଣିଆ ବିଚାରପୀଠ ଏହି ପ୍ରଶ୍ନକୁ ନେଇ ଚିନ୍ତିତ ଥିଲେ ଯେ ଛାଡପତ୍ର କାର୍ଯ୍ୟ ପ୍ରକ୍ରିୟାରେ କୌଣସି ପକ୍ଷକୁ ଡାକ୍ତରୀ ପରୀକ୍ଷା ପାଇଁ ବାଧ କରାଯାଇପାରିବ କି ନାହିଁ । ହିନ୍ଦୁ ବିବାହ ଅଧିନିୟମ, 1955 ର ଧାରା 13 (1)(iii) ଅଧୀନରେ ପତ୍ନୀଙ୍କ ବିରୋଧରେ ସ୍ୱାମୀଙ୍କ ଦ୍ୱାରା ଦାଖଲ ହୋଇଥିବା ଛାଡପତ୍ର ଆବେଦନରୁ ଏହି ମାମଲା ଉତ୍ଥିତ ଥିଲା । ଅନ୍ୟ ଶବ୍ଦରେ, ସ୍ୱାମୀ ଏହି ଆଧାରରେ ଛାଡପତ୍ର ଦାବି କରିଥିଲେ ଯେ ପତ୍ନୀ ଅସାଧ୍ୟ ବିକୃତ ମସ୍ତିଷ୍କ ଅବସ୍ଥାରେ ଅଛନ୍ତି କିମ୍ବା ସେ ମାନସିକ ବ୍ୟାଧିରେ ପୀଡ଼ିତ ଅଛନ୍ତି । ନ୍ୟାୟାଳୟ କହିଲେ, "*ଗୌତମ କୁଣ୍ଡୁ,* ତେଣୁ, ଏହି ପ୍ରସ୍ତାବ ପାଇଁ ଏକ ପ୍ରାଧିକାରୀ ନୁହଁନ୍ତି ଯେ କୌଣସି ପରିସ୍ଥିତି ଅଧୀନରେ ନ୍ୟାୟାଳୟ ରକ୍ତ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ । ଏହା, ଶିଶୁର ଭବିଷ୍ୟତକୁ ଦୃଷ୍ଟିରେ ରଖି, ନିଶ୍ଚିତ ଭାବରେ, ଏହିପରି ଯାନ୍ତ୍ରିକବତ୍ ପାରିତ ଆଦେଶର ସଂକ୍ରାନ୍ତରେ ସତର୍କତାର ଏକ ଟିପ୍ପଣୀ ସଦୃଶ । ଅନ୍ୟ କେତେକ ନ୍ୟାୟିକ କ୍ଷେତ୍ରରେ ଏହା କୁହାଯାଇଛି ଯେ ଯଦି ଏହା ଶିଶୁର ହିତରେ ହୋଇଥାଏ, ତେବେ ଏଭଳି ନିର୍ଦ୍ଦେଶ ସାଧାରଣତଃ ଦିଆଯିବା ଉଚିତ ।" ଜଣେ ବ୍ୟକ୍ତିଙ୍କୁ ଡାକ୍ତରୀ ପରୀକ୍ଷା କରିବା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21 ର ଉଲ୍ଲଙ୍ଘନ କି, ଏହି ଦିଗ ଉପରେ ବିଚାର କରିବା ସମୟରେ, ଏହା କୁହାଯାଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ 21 ଅନୁଯାୟୀ ଗୋପନୀୟତାର ଅଧିକାର ଏକ ନିରଙ୍କୁଶ ଅଧିକାର ନୁହେଁ । ଏହି ନ୍ୟାୟାଳୟ ଏହି ସିଦ୍ଧାନ୍ତର ସାରାଂଶ ଏହିପରି ଦେଇଛନ୍ତି:

"1. ଜଣେ ବ୍ୟକ୍ତିଙ୍କୁ ଡାକ୍ତରୀ ପରୀକ୍ଷା କରାଇବାକୁ ଆଦେଶ ଦେବାର କ୍ଷମତା ବୈବାହିକ ନ୍ୟାୟାଳୟ ନିକଟରେ ରହିଛି ।

ଭବାନୀ ପ୍ରସାଦ ଜେନା ବନାମ କନଭେନର ସଚିବ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଅନ୍ୟଜଣେ [ଆର୍. ଏମ୍. ଲୋଧା, ନ୍ୟାୟମୂର୍ତ୍ତି]

2. ନ୍ୟାୟାଳୟ ଦ୍ୱାରା ଏ'ପରି ଆଦେଶ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 21 ଅଧୀନରେ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରର ଲଙ୍ଘନ ହେବ ନାହିଁ ।

3. ତେବେ, ଯଦି ଦରଖାସ୍ତକାରୀଙ୍କ ପାଖରେ ଏକ ବଳିଷ୍ଠ ପ୍ରଥମ ଦୃଷ୍ଟିଗତ ମାମଲା ଥାଏ ଏବଂ ନ୍ୟାୟାଳୟ ସମ୍ମୁଖରେ ପର୍ଯ୍ୟାପ୍ତ ସାରବାନ ତଥ୍ୟ ଥାଏ, ତେବେ ନ୍ୟାୟାଳୟ ଏପରି କ୍ଷମତା ପ୍ରୟୋଗ କରିବା ଉଚିତ । ଯଦି ନ୍ୟାୟାଳୟର ଆଦେଶ ସତ୍ତ୍ୱେ, ପ୍ରତିବାଦୀ ନିଜକୁ ଡାକ୍ତରୀ ପରୀକ୍ଷା ପାଇଁ ଉପସ୍ଥିତ କରିବାକୁ ମନା କରନ୍ତି, ତେବେ ନ୍ୟାୟାଳୟ ତାଙ୍କ ବିରୁଦ୍ଧରେ ଏକ ପ୍ରତିକୂଳ ସିଦ୍ଧାନ୍ତ ନେବାକୁ ହକଦାର ହେବେ ।

11: *ବନାରସୀ ଦାସ ବନାମ ଟିକୁ ଦତ୍ତ ଏବଂ ଅନ୍ୟଜଣେ* ମାମଲାରେ, ଏହି ନ୍ୟାୟାଳୟ ଉତ୍ତରାଧିକାର ପ୍ରମାଣପତ୍ରରୁ ଉତ୍ପନ୍ନ ଏକ ମାମଲା ସହ ସମ୍ପୃକ୍ତ ଥିଲେ । ଅଭିଯୋଗ ଥିଲା ଯେ ଟିକୁ ଦତ୍ତ ମୃତ ବ୍ୟକ୍ତିଙ୍କ ଝିଅ ନଥିଲେ । ଟିକୁ ଦତ୍ତଙ୍କ ଡିଏନଏ ପରୀକ୍ଷା କରିବା ପାଇଁ ଏକ ଆବେଦନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ କହିଲେ ଯେ ବିଚାରଣ ନ୍ୟାୟାଳୟ ଏକ ସାକ୍ଷ୍ୟମୂଳକ ନ୍ୟାୟାଳୟ ହୋଇଥିବାରୁ ଡିଏନଏ ପରୀକ୍ଷା ନିର୍ଦ୍ଦେଶ ଦେଇ ପ୍ରମାଣ ସୃଷ୍ଟି କରିବା ପରିବର୍ତ୍ତେ ପକ୍ଷମାନଙ୍କୁ ବିଚାରଣ ସମୟରେ ଉପସ୍ଥାପିତ ପ୍ରମାଣ ଆଧାରରେ ସେମାନଙ୍କ ନିଜ ନିଜ ମାମଲାକୁ ପ୍ରମାଣ କରିବାକୁ ଛାଡିଦେବା ଉଚିତ୍ । ଯେତେବେଳେ ଉକ୍ତ ମାମଲା ଏହି ନ୍ୟାୟାଳୟରେ ପହଞ୍ଚିଲା, ଏହି ନ୍ୟାୟାଳୟର କିଛି ନିଷ୍ପତ୍ତିଗୁଚ୍ଛ, ବିଶେଷ କରି *ଗୌତମ କୁଣ୍ଡୁ 1* ପ୍ରତି ଧ୍ୟାନ ଆକର୍ଷିତ କରାଯାଇଥିଲା ଏବଂ ଏହା କୁହାଯାଇଥିଲା ଯେ ଏକ ପ୍ରକୃତ ଡିଏନଏ ପରୀକ୍ଷଣର ଫଳାଫଳ ମଧ୍ୟ ଗର୍ଭଧାରଣ ସମୟରେ ଜଣେ ସ୍ୱାମୀ-ସ୍ତ୍ରୀ ଏକାଠି ରହୁଥିବା ମାମଲା ଭଳି ସାକ୍ଷ୍ୟ ଅଧିନିୟମର ଧାରା 112 ର ଚୂଡ଼ାନ୍ତ ସିଦ୍ଧାନ୍ତରୁ ରକ୍ଷା ପାଇବା ପାଇଁ ଯଥେଷ୍ଟ ହୋଇ ନପାରେ । ଏହି ନ୍ୟାୟାଳୟ ଯାହା କହିଛନ୍ତି ତାହା ଏ'ପରି ଅଟେ:

> "13. ଆମ୍ଭେ ମନେ ପକାଇ ପାରିବା ଯେ ସାକ୍ଷ୍ୟ ଅଧିନିୟମର ଧାରା 112 ଏପରି ଏକ ସମୟରେ ଲାଗୁ କରାଯାଇଥିଲା ଯେତେବେଳେ ଡିଅକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍ (ଡିଏନଏ) ସହିତ ରିବୋନ୍ୟୁକ୍ଲିକ୍ ଏସିଡ୍ (ଆରଏନଏ) ପରୀକ୍ଷା ସହିତ ଆଧୁନିକ ବୈଜ୍ଞାନିକ ଅଗ୍ରଗତି ବିଧାନମଣ୍ଡଳର ଅନୁଧ୍ୟାନରେ ମଧ୍ୟ ନ ଥିଲା । ବୈଜ୍ଞାନିକ ଦୃଷ୍ଟିରୁ ଏକ ପ୍ରକୃତ ଡିଏନଏ

ପରୀକ୍ଷଣର ଫଳାଫଳ ସଠିକ୍ ବୋଲି କୁହାଯାଏ । କିନ୍ତୁ ତାହା ମଧ୍ଯ ସାକ୍ଷ୍ୟ ଅଧିନିୟମର ଧାରା 112 ର ଚୂଡ଼ାନ୍ତ ସିଦ୍ଧାନ୍ତରୁ ରକ୍ଷା ପାଇବା ପାଇଁ ଯଥେଷ୍ଟ ନୁହେଁ, ଉଦାହରଣ ସ୍ୱରୂପ, ଯଦି ଗର୍ଭଧାରଣ ସମୟରେ ଜଣେ ସ୍ୱାମୀ ଏବଂ ସ୍ତ୍ରୀ ଏକାଠି ରହୁଥିଲେ, କିନ୍ତୁ ଡିଏନଏ ପରୀକ୍ଷଣରୁ ଜଣାପଡ଼ିଲା ଯେ ଶିଶୁଟି ସ୍ୱାମୀଙ୍କ ଠାରୁ ଜନ୍ମ ହୋଇନଥିଲା, ଆଇନର ନିର୍ଣ୍ଣାୟକ ସିଦ୍ଧାନ୍ତ ଅଖଣ୍ଡନୀୟ ରହିବ । ଏହା ସ୍ୱାମୀଙ୍କ ଦୃଷ୍ଟିକୋଣରୁ କଠୋର ଲାଗୁଥାଇପାରେ, ଯିଏ ଏପରି ଏକ ସନ୍ତାନର ପିତୃତ୍ୱ ବହନ କରିବାକୁ ବାଧ୍ୟ ହେବେ, ଯେଉଁଥିରେ ସେ ନିର୍ଦ୍ଦୋଷ ଥାଇପାରନ୍ତି । କିନ୍ତୁ ଏ'ପରି କ୍ଷେତ୍ରରେ ମଧ୍ୟ ଆଇନ ନିର୍ଦ୍ଦୋଷ ଶିଶୁକୁ ଜାରଜ ହେବାରୁ ରକ୍ଷା କରିବା ସପକ୍ଷରେ ଥାଏ, ଯଦି ଗର୍ଭଧାରଣ ସମୟରେ ତା'ର ମା ଏବଂ ତାଙ୍କ ସ୍ୱାମୀ ଏକାଠି ରହୁଥିଲେ । ତେଣୁ ନିର୍ଣ୍ଣାୟକ ସିଦ୍ଧାନ୍ତକୁ ଖଣ୍ଡନ କରିବା ପାଇଁ ଅଣ-ପ୍ରବେଶର ପ୍ରମାଣ ମାତ୍ରା ସଂକ୍ରାନ୍ତୀୟ ପ୍ରଶ୍ନର ଉତ୍ତର, ଉପରେ ବର୍ଣ୍ଣନା କରାଯାଇଥିବା ପ୍ରବେଶ କିମ୍ବା ଅଣ-ପ୍ରବେଶ ଦ୍ୱାରା ଯାହା ବୁଝାଯାଏ, ସେହି ଆଲୋକରେ ଦେବାକୁ ପଡିବ ।"

ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ ଡିଏନଏ ପରୀକ୍ଷାକୁ ନିତ୍ୟ ନିମିତ୍ତ ଭାବେ କରାଯିବା ଉଚିତ ନୁହେଁ ଏବଂ କେବଳ ସୁଯୋଗ୍ୟ କ୍ଷେତ୍ରରେ ଏ'ପରି ନିର୍ଦ୍ଦେଶ ଦିଆଯାଇପାରିବ ।

12. ନିକଟରେ, *ରାମକନ୍ୟା ବାଇ ବନାମ ଭାରତରାମ* ମାମଲାରେ ନିଷ୍ପତ୍ତି ନେଇଥିବା ବିଚାରପୀଠ, ଯାହାର ଏକ ସଦସ୍ୟ ଭାବେ ଆମ୍ଭମାନଙ୍କ ମଧ୍ୟରୁ ଜଣେ, ଆର୍. ଏମ୍. ଲୋଧା, ନ୍ୟାୟାଧୀଶ ଥିଲେ, ଦ୍ୱାରା ସ୍ୱାମୀଙ୍କ ଅନୁରୋଧ କ୍ରମେ ଶିଶୁର ଡିଏନଏ ନିର୍ଦ୍ଧାରଣ କରି ଉଚ୍ଚ ନ୍ୟାୟାଳୟ ଦେଇଥିବା ଆଦେଶକୁ ଖାରଜ କରାଯାଇଥିଲା ଏବଂ ଏହା କୁହାଯାଇଥିଲା ଯେ ଉଚ୍ଚ ନ୍ୟାୟାଳୟ ଶିଶୁର ଡିଏନଏ ପାଇଁ ଆବେଦନକୁ ଅନୁମତି ଦେବାରେ ନ୍ୟାୟସଙ୍ଗତ ନୁହେଁ କାରଣ ଯଦି ଏପରି ଡିଏନଏ ଅନୁଷ୍ଠିତ ହୁଏ, ତେବେ ପକ୍ଷଗୁଡ଼ିକର ପୁନଃମିଳନ ହେବାର ସମ୍ଭାବନା ରହିବ ଏବଂ ଯଦି ଡିଏନଏ ର ଫଳାଫଳରୁ ଜଣାପଡ଼େ ଯେ ପୁଅଟି ପକ୍ଷମାନଙ୍କ ବିବାହରୁ ଜନ୍ମ ହୋଇଥିଲା ।

13. ଏକ ମାମଲାରେ ଯେଉଁଥିରେ ଏକ ଶିଶୁର ପିତୃତ୍ୱ ପ୍ରସଙ୍ଗ ନ୍ୟାୟାଳୟରେ ରହିଛି, ଡିଏନଏ ର ବ୍ୟବହାର ଏକ ଅତ୍ୟନ୍ତ ସୂକ୍ଷ୍ମ ତଥା ସମ୍ବେଦନଶୀଳ ଦିଗ । ଗୋଟିଏ ମତ ଏହା ଅଟେ ଯେ ଯେତେବେଳେ ଆଧୁନିକ ବିଜ୍ଞାନ ଏକ ଶିଶୁର ପିତୃତ୍ୱ ନିର୍ଦ୍ଧାରଣ କରିବାର ମାଧ୍ୟମ ପ୍ରଦାନ କରୁଛି, ଆବଶ୍ୟକ ହେବା ସ୍ଥଳେ ସେହି ମାଧ୍ୟମଗୁଡିକୁ ସେତେବେଳେ ବ୍ୟବହାର କରିବାକୁ କୌଣସି ଦ୍ୱିଧା ରହିବା ଉଚିତ୍ ନୁହେଁ । ଅନ୍ୟ ମତଟି ଏହା ଯେ

ନ୍ୟାୟାଳୟ ଏପରି ବୈଜ୍ଞାନିକ ପ୍ରଗତି ଏବଂ ଉପକରଣର ବ୍ୟବହାରରେ ଅନିଚ୍ଛୁକ ହେବା ଉଚିତ ଯାହା ଜଣେ ବ୍ୟକ୍ତିଙ୍କ ଗୋପନୀୟତାର ଅଧିକାରକୁ ଆକ୍ରମଣ କରିଥାଏ ଏବଂ କେବଳ ପକ୍ଷଗୁଡ଼ିକର ଅଧିକାର ପ୍ରତି ପ୍ରତିକୂଳ ନୁହେଁ ବରଂ ପିଲା ଉପରେ ହାନିକାରକ ପ୍ରଭାବ ପକାଇପାରେ । ବେଳେବେଳେ ଏପରି ବୈଜ୍ଞାନିକ ପରୀକ୍ଷଣର ଫଳାଫଳ ଏକ ନିର୍ଦ୍ଦୋଷ ଶିଶୁକୁ ଜାରଜ ସାବ୍ୟସ୍ତ  କରିପାରେ ଯଦିଓ ଗର୍ଭଧାରଣ ସମୟରେ ତା'ର ମା ଓ ତାଙ୍କ ସ୍ୱାମୀ ଏକାଠି ରହୁଥିଲେ । ଆମ୍ଭ ବିଚାରରେ, ଯେତେବେଳେ ଜଣେ ବ୍ୟକ୍ତିଙ୍କ ଗୋପନୀୟତାର ଅଧିକାର ଯେ ବାଧ୍ୟତାମୂଳକ ଭାବରେ ଡାକ୍ତରୀ ପରୀକ୍ଷା ପାଇଁ ନିଜକୁ ଉପସ୍ଥାପିତ ନ କରିବାକୁ ଏବଂ ସତ୍ୟରେ ପହଞ୍ଚିବା ପାଇଁ ନ୍ୟାୟାଳୟ ଦାୟିତ୍ୱ, ମଧ୍ୟରେ ସ୍ପଷ୍ଟ ଦ୍ୱନ୍ଦ୍ୱ ଥାଏ ପକ୍ଷମାନଙ୍କ ହିତର ସନ୍ତୁଳନ ରକ୍ଷା କରି ଏବଂ ଏହି ପ୍ରସଙ୍ଗରେ ଏକ ବିବେକସଙ୍ଗତ ନିର୍ଣ୍ଣୟ ପାଇଁ ଡିଏନଏ ର ବିଶେଷ ଆବଶ୍ୟକତା ଅଛି କି ନାହିଁ ସେ ବିଷୟରେ ବିଚାର କରିବା ପରେ ହିଁ ନ୍ୟାୟାଳୟ ଏହାର ବିବେକାଧିକାରର ପ୍ରୟୋଗ କରିବା ଉଚିତ । ଏକ ଶିଶୁର ପିତୃତ୍ୱ ସମ୍ବନ୍ଧୀୟ ମାମଲାରେ ନ୍ୟାୟାଳୟ ଦ୍ୱାରା ଏକ ବିଷୟ ଭାବରେ କିମ୍ବା ନିୟମିତ ଅଭ୍ୟାସ ଭାବରେ ଡିଏନଏ ପାଇଁ ନିର୍ଦ୍ଦେଶ ଦିଆଯିବା ଉଚିତ୍ ନୁହେଁ, ଯେତେବେଳେ ଏତାଦୃଶ ଅନୁରୋଧ କରାଯାଇଥାଏ  । ସାକ୍ଷ୍ୟ ଅଧିନିୟମର ଧାରା 112 ଅଧୀନରେ ପ୍ରାକ୍ ଧାରଣା ସମେତ ନ୍ୟାୟାଳୟକୁ ବିଭିନ୍ନ ଦିଗ ଉପରେ ବିଚାର କରିବାକୁ ପଡିବ; ଏହିପରି ଆଦେଶର ଭଲ ଆଉ ମନ୍ଦ ତଥା 'ପ୍ରମୁଖ ପ୍ରୟୋଜନ' ର ପରୀକ୍ଷା କି ପରୀକ୍ଷଣର ବ୍ୟବହାର ବିନା ନ୍ୟାୟାଳୟ ପାଇଁ ସତ୍ୟକୁ ପହଞ୍ଚିବା ସମ୍ଭବପର ନୁହେଁ ।

14. ଏହି ନ୍ୟାୟାଳୟ  ଦୁଇଟି ନିଷ୍ପତ୍ତି, ଯଥା *ଗୌତମ କୁଣ୍ଡୁ-1* ଏବଂ *ଶାରଦା-2* ରେ କୌଣସି ଦ୍ୱନ୍ଦ୍ୱ ନାହିଁ । ଗୌତମ *କୁଣ୍ଡୁ-1* ରେ ଏହା କୁହାଯାଇଛି ଯେ ଭାରତର ନ୍ୟାୟାଳୟ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ ଏବଂ ଏହିପରି ପ୍ରାର୍ଥନାକୁ ବିଚାରଣ ତଦନ୍ତ ପାଇଁ ମଞ୍ଜୁର କରାଯାଇପାରିବ ନାହିଁ; ଏକ ବଳିଷ୍ଠ ପ୍ରାଥମିକ ମାମଲା ରହିବା ଆବଶ୍ୟକ ଏବଂ ରକ୍ତ ପରୀକ୍ଷା ଆଦେଶର ପରିଣାମ କ'ଣ ହେବ ସେ ବିଷୟରେ ନ୍ୟାୟାଳୟ ଯତ୍ନ ସହକାରେ ଯାଞ୍ଚ କରିବା ଆବଶ୍ୟକ । *ଶାରଦା-2* ମାମଲାରେ, ଜଣେ ବ୍ୟକ୍ତିଙ୍କୁ ଡାକ୍ତରୀ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେବା ପାଇଁ ବୈବାହିକ ନ୍ୟାୟାଳୟର କ୍ଷମତା ରହିଛି ବୋଲି ଉପସଂହାର ଦେବାବେଳେ, ଏହା ଦୋହରା ଯାଇଥିଲା ଯେ ଯଦି ଦରଖାସ୍ତକାରୀଙ୍କ ପାଖରେ ଏକ ବଳିଷ୍ଠ ପ୍ରଥମ ଦୃଷ୍ଟିଗତ ମାମଲା ରହିଛି ଏବଂ ଅଦାଲତ ସମ୍ମୁଖରେ ପର୍ଯ୍ୟାପ୍ତ ଉପାଦାନ ରହିଛି, ତେବେ ନ୍ୟାୟାଳୟ ଏପରି କ୍ଷମତା ପ୍ରୟୋଗ କରିବା ଉଚିତ ।

ସ୍ୱଷ୍ଟତଃ, ତେଣୁ, ଡିଏନଏ ପାଇଁ କୌଣସି ଆଦେଶ କେବଳ ନ୍ୟାୟାଳୟ ଦ୍ୱାରା ଦିଆଯାଇପାରିବ ଯଦି ଏପରି ଏକ ଦିଗ ପାଇଁ ଏକ ବଳିଷ୍ଠ ପ୍ରଥମ ଦୃଷ୍ଟିଗତ ମାମଲା ହେଉଥାଏ । ବର୍ତ୍ତମାନର ମାମଲା ସମ୍ବନ୍ଧରେ, ଆମ୍ଭେ ପୂର୍ବରୁ କହିଛୁ ଯେ ଡିଏନଏ ଆଦେଶ ଦେବା ପାଇଁ ରାଜ୍ୟ ଆୟୋଗଙ୍କର କୌଣସି ପ୍ରାଧିକାର, ଦକ୍ଷତା କିମ୍ବା କ୍ଷମତା ନାହିଁ । ଉଚ୍ଚ ନ୍ୟାୟାଳୟ ଯେଉଁ କାର୍ଯ୍ୟାନୁଷ୍ଠାନ ସହ ସମ୍ପୃକ୍ତ ଥିଲେ, ତାହାର ପ୍ରକୃତିକୁ ଦୃଷ୍ଟିରେ ରଖି ଏହା ବିଚାର କରିବାକୁ ହେବ ଯେ ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶ ପାରିତ କରିବାରେ ନିଜର କ୍ଷେତ୍ରାଧିକାରକୁ ଅତିକ୍ରମ କରିଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ, ଉଚ୍ଚ ନ୍ୟାୟାଳୟ ଏକ ଅତ୍ୟନ୍ତ ସାରବାନ ଦିଗକୁ ଅଣଦେଖା କରିଥିଲେ ଯେ ଦକ୍ଷ କ୍ଷେତ୍ରାଧିକାରିତା ବିଶିଷ୍ଟ ନ୍ୟାୟାଳୟରେ ପକ୍ଷମାନଙ୍କ ମଧ୍ୟରେ ବୈବାହିକ ବିବାଦ ପୂର୍ବରୁ ବିଚାରାଧୀନ ରହିଛି ଏବଂ ସେହି ମାମଲାରେ ପକ୍ଷମାନଙ୍କ ଦ୍ୱାରା ଉଠାଯାଇଥିବା ବୈବାହିକ ବିବାଦ ସମ୍ବନ୍ଧୀୟ ସମସ୍ତ ଦିଗ ସେହି ନ୍ୟାୟାଳୟ ଦ୍ୱାରା ବିଚାର କରାଯିବ ଏବଂ ସ୍ଥିର କରାଯିବ । ଯଦି ଶିଶୁର ପିତୃତ୍ୱ ସମ୍ବନ୍ଧରେ ବୈବାହିକ ନ୍ୟାୟାଳୟ ସମ୍ମୁଖରେ କୌଣସି ପ୍ରସଙ୍ଗ ଉଠିଥାଏ; ତେବେ ସ୍ୱଷ୍ଟତଃ ସେହି ନ୍ୟାୟାଳୟ ଆଇନ ଅନୁଯାୟୀ ପ୍ରାସଙ୍ଗିକ ସମୟରେ ଏକ ଉପଯୁକ୍ତ ଆଦେଶ ପାରିତ କରିବାକୁ ସକ୍ଷମ ହେବେ । ମାମଲାର କୌଣସି ବି ଦୃଷ୍ଟିକୋଣରୁ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶକୁ ବଜାୟ ରଖିବା ସମ୍ଭବ ନୁହେଁ ।

15. ଫଳସ୍ୱରୂପ ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି; ତା 7 ଅଗଷ୍ଟ 2009 ରିଖର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏବଂ ତା 11 ମେ 2009 ରିଖର ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଆଦେଶକୁ ବାତିଲ କରାଯାଇଛି । ଏହି ଆଦେଶକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ବିଚାରାଧୀନ ଡବ୍ଲ୍ୟୁ. ପି. (ସି) ସଂଖ୍ୟା 8725/2009 ଏବଂ ଡବ୍ଲ୍ୟୁ. ପି. (ସି) ସଂଖ୍ୟା 8308 /2009 ର ସମାଧାନ ହୋଇଛି । ଆମ୍ଭେ ସ୍ୱଷ୍ଟ କରୁଛୁ ଯେ ଦ୍ୱିତୀୟ ପ୍ରତିବାଦୀଙ୍କୁ ସକ୍ଷମ କ୍ଷେତ୍ରାଧିକାରବିଶିଷ୍ଟ ନ୍ୟାୟାଳୟରୁ କିମ୍ବା ଜିଲ୍ଲା ନ୍ୟାଧୀଶ, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନରେ ଆବେଦନକାରୀଙ୍କ ବିରୋଧରେ ଭରଣପୋଷଣ କିମ୍ବା ଅନ୍ୟ କୌଣସି ଆର୍ଥିକ ସହାୟତାର ଦାବି କରିବାରେ ଆମ୍ଭର ଆଦେଶ ପ୍ରତିବନ୍ଧକ ହେବ ନାହିଁ । ସ୍ୱଷ୍ଟତଃ ଆବେଦନକାରୀ ଦ୍ୱିତୀୟ ପ୍ରତିବାଦୀଙ୍କ ଦାବିକୁ ସମସ୍ତ ଉପଲବ୍ଧ ଆଧାରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସ୍ୱାଧୀନ ରହିବେ ଏବଂ ସମ୍ପୃକ୍ତ ନ୍ୟାୟାଳୟ ନିଜ ଗୁଣବତ୍ତା ଆଧାରରେ ଆଇନ ଅନୁଯାୟୀ ଏପରି ଦାବିର ବିଚାର ତଥା ନିର୍ଣ୍ଣୟ କରିବେ । ପକ୍ଷମାନେ ସେମାନଙ୍କର ନିଜ ନିଜ ଖର୍ଚ୍ଚ ନିଜେ ବହନ କରିବେ ।

ବି. ବି. ବି. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**